
ଅନୁଗୋଳ ଅବକାରୀ ବିଭାଗରେ ନିଯୁକ୍ତି ପାଇଁ ଷ୍ଟାଡିୟମଠାରେ ଚାଲିଥିବା ଶାରୀରିକ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଜଣେ ଯୁବତୀ ଦୌଡୁଛନ୍ତି। (ଫଟୋ- ବୁବୁ)

# ପଞ୍ଚାୟତ ଅଫିସରେ ଉପଜିଲାପାଳ

ତାଳଚେର, ୨୬।୭ (ନି.ପ୍ର.)

ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ ମଙ୍ଗଳବାର ତାଳଚେର ବ୍ଲକ ସନ୍ଥପଡ଼ା ପଞ୍ଚାୟତ ଗସ୍ତ କରି ପଞ୍ଚାୟତ କାର୍ଯ୍ୟାଳୟର ସମସ୍ତ କାଗଜପତ୍ର ଯାଞ୍ଚ କରିଛନ୍ତି। ଏଥିସହ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବା ପରେ ପଞ୍ଚାୟତର ରାସ୍ତା ଏବଂ ଜଳ ଯୋଗାଣ ବିଷୟରେ ଲୋକଙ୍କୁ ପଚାରି ବୁଝିଥିଲେ। ସନ୍ଥପଡ଼ା ପଞ୍ଚାୟତର ସରପଞ୍ଚ ସହଦେବ ସାହୁଙ୍କ ଅଭିଯୋଗ ଆଧାରରେ ଉପଜିଲାପାଳ ଝାଡ଼ିଅମ୍ବାଠାରେ ନିର୍ମାଣାଧୀନ ଥିବା ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ତଦାରଖ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟ ନେଇଥିବା ଠିକା ସଂସ୍ଥା ବାଲି ଫିଲିଂ ବଦଳରେ ପାଉଁଶ ଫିଲିଂ କରୁଥିବା ଅଭିଯୋଗ ହେଉଥିବାରୁ ଉପଜିଲାପାଳ ଓ ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳରେ ଉପସ୍ଥିତ ରହି ଏହାର ଯାଞ୍ଚ କରିଥିଲେ। ସନ୍ଥପଡ଼ା ଗ୍ରାମରେ ଦେଖା ଦେଇଥିବା ଜଳଯୋଗାଣ ସମସ୍ୟାର ସମାଧାନ କରିବା ପାଇଁ ଏକ ନୂତନ ଟାଙ୍କି ନିର୍ମାଣ କରିବା, ବହ୍ଲର ଛକଠାରେ ଅବହେଳିତ ହୋଇ ପଡ଼ି ରହିଥିବା ଥଣ୍ଡା ପାନୀୟଜଳ ଯୋଗାଣ ବ୍ୟବସ୍ଥାର ପୁନରୁଦ୍ଧାର କରିବା ଏବଂ ବହ୍ଲର ଛକ ଠାରୁ ସନ୍ଥପଡ଼ା ଛକ ପର୍ଯ୍ୟନ୍ତ ଚାଲୁଥିବା ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରିବା ପାଇଁ ସରପଞ୍ଚ ସାହୁ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।


ପଞ୍ଚାୟତ ଅଫିସରେ କାଗଜପତ୍ର ଯାଞ୍ଚ କରୁଛନ୍ତି ଉପଜିଲାପାଳ।

## ସଂକ୍ଷେପରେ

### ଆକ୍ରମଣରେ ମହିଳା ଗୁରୁତର

**ଛେଣ୍ଡିପଦା, ୨୬।୭ (ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ମାମୁରିଆ ଗୁଗୁଡିସାହିରେ ବଳଦ ଫସଲ ନଷ୍ଟ କରିବାକୁ କେନ୍ଦ୍ର କରି ପଡୋଶୀ ଯୁବକଙ୍କ ଶାବଳ ଆକ୍ରମଣରେ ସୁଶାନ୍ତ କୁମାର ଦେହୁରୀଙ୍କ ସ୍ତ୍ରୀ ଲିମା ଦେହୁରୀ ଗୁରୁତର ହୋଇଛନ୍ତି। ଅଭିଯୋଗରୁ ପ୍ରକାଶ, ଗତ ୨୩ ତାରିଖରେ ସୁଶାନ୍ତଙ୍କ ଏକ ବଳଦ ପଡୋଶୀ ରମି ସାହୁଙ୍କ ବଗିଚାରେ ପଶି ଫସଲ ଖାଇଥିଲା। ଏ ନେଇ ରମି ଓ ସୁଶାନ୍ତଙ୍କ ସ୍ତ୍ରୀ ଲିମା ମାଝିଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରମି ସାହୁ ଉତ୍‌କ୍ଷିପ୍ତ ହୋଇ ଲିମାଙ୍କୁ ଗାଳିଗୁଲଜ କରିଥିଲେ। ଉକ୍ତ ଘଟଣାର ୨ ଦିନ ପରେ ଫସଲ ନଷ୍ଟକୁ ନେଇ ରମି ଲିମାଙ୍କୁ ଗାଳିଗୁଲଜ କରିଥିଲେ। ଲିମା ପ୍ରତିବାଦ କରିବାରୁ ରମି ଏକ ଶାବଳରେ ନିର୍ଦ୍ଦୟ ମାଡମାରିବା ସହିତ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିବା ନେଇ ଛେଣ୍ଡିପଦା ଥାନାରେ ଲିମା ଲିଖିତ ଅଭିଯୋଗ କରିଥିଲେ। ଗୁରୁତର ଲିମାଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ପରେ ଘଟଣା ତଦନ୍ତ କରାଯାଉଥିବା ପୋଲିସ ପ୍ରକାଶ କରିଛି।

### ୨ ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଛେଣ୍ଡିପଦା, ୨୬।୭(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ବାଗଡିଆ ଫାଣ୍ଡି ଅଞ୍ଚଳର ୨ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ସେମାନଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗକାରୀ ମହିଳା ଦର୍ଶାଇଛନ୍ତି, ଘରେ ତାଙ୍କ ୧୫ ବର୍ଷୀୟା ଝିଅ ଏବଂ ୧୩ ବର୍ଷୀୟା ଝିଆରୀ ଥିଲେ। ଗତ ସୋମବାର ତାଙ୍କ ଅନୁପସ୍ଥିତର ସୁଯୋଗ ନେଇ ନିଶା ଶିଳ୍ପାଞ୍ଚଳ ଥାନା କାଳିଆକଟା ଗ୍ରାମର ଦୀପୁ ଭୋଇ ଦୁଇ ଝିଅଙ୍କୁ ଘରୁ ଅପହରଣ କରି ନେଇଛନ୍ତି। ଗତ ଜାନୁୟାରୀରେ ଝିଅଙ୍କୁ ଦିପୁ ଅପହରଣ କରିନେଇଥିଲେ। ଥାନାରେ ଅଭିଯୋଗ ପରେ ଦିପୁ ଝିଅଙ୍କୁ ଛାଡି ଦେଇଥିଲେ। ତେଣୁ ଦୀପୁ ପୁନର୍ବାର ୨ ନାବାଳିକାଙ୍କୁ ଅପହରଣ କରି ନେଇଥିବା ଏତଲାରେ ଦର୍ଶାଯାଇଛି।

# ପରିତ୍ୟକ୍ତ କରିଦେଲାଣି ପ୍ରଶାସନ


ପରିତ୍ୟକ୍ତ ଅବସ୍ଥାକୁ ଚାଲିଆସିଥିବା ନିଶା ପ୍ରାଣୀଧନ ଚିକିତ୍ସାଳୟ କୋଠା।

ଛେଣ୍ଡିପଦା, ୨୬।୭(ସ୍ୱ.ପ୍ର.)

- ପ୍ରାଣୀଧନଙ୍କ ସ୍ୱାସ୍ଥ୍ୟ, ଚିକିତ୍ସାକେନ୍ଦ୍ରକୁ ଦିଆଯାଉନି ଗୁରୁତ୍ୱ
- ୪ ବର୍ଷ ହେଲା ନାହାନ୍ତି ଡାକ୍ତର, କର୍ମଚାରୀ
- ଛେଣ୍ଡିପଦାର ୪ ପଞ୍ଚାୟତରେ ବଢ଼ୁଛି ଅସନ୍ତୋଷ

ପ୍ରାଣୀଧନ ପାଳନ ପ୍ରତି ଗ୍ରାମାଞ୍ଚଳରେ ବଢ଼ୁଛି ଆଗ୍ରହ। ଏଥିରୁ ଭଲ ଲାଭ ମିଳୁଥିବାରୁ ଦିନକୁ ଦିନ ଅଧିକରୁ ଅଧିକ ଚାଷୀ, ଯୁବଗୋଷ୍ଠୀ ଓ ମହିଳା ଏଥିରେ ଯୋଡ଼ି ହେଉଛନ୍ତି। ବିଶେଷକରି ଗାଈ, ଛେଳି ଓ କୁକୁଡ଼ା ପାଳନ ପ୍ରତି ସେମାନେ ଆକର୍ଷିତ ହେଉଛନ୍ତି। ହେଲେ ଏହି ପ୍ରାଣୀଧନଙ୍କ ଚିକିତ୍ସା ବ୍ୟବସ୍ଥାରେ ସରକାର ସୁଧାର ଆଣୁ ନ ଥିବାରୁ ଅନେକ ସମୟରେ ଅସୁବିଧାରେ ପଡ଼ୁଛନ୍ତି ଚାଷୀ। ବିଶେଷକରି ବର୍ଷାଦିନେ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପୁଥିବାବେଳେ ଚିକିତ୍ସା କରିବାକୁ ଆବଶ୍ୟକ ଡାକ୍ତର ନାହାନ୍ତି। ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ପଞ୍ଚାୟତରେ ଥିବା ପ୍ରାଣୀଧନ ଚିକିତ୍ସାଳୟ ଏହାର ଉଦାହରଣ। ଦୀର୍ଘ ୪ ବର୍ଷ ହେଲା ଏଠାରେ ଡାକ୍ତର ଓ କର୍ମଚାରୀ ନ ଥିବାରୁ ଏହି ଚିକିତ୍ସାକେନ୍ଦ୍ର ପରିତ୍ୟକ୍ତ ଅବସ୍ଥାକୁ ଚାଲିଆସିଲାଣି। ଏ ନେଇ ବାରମ୍ବାର ଅଭିଯୋଗ ପରେ ଗତ ଏକମାସ ହେଲା କୋଶଳା ପ୍ରାଣୀଧନ ଚିକିତ୍ସାକେନ୍ଦ୍ରର ଜଣେ ଡାକ୍ତର ସପ୍ତାହକୁ ୨ ଦିନ ନିଶା ଆସୁଛନ୍ତି। ତଥାପି ପ୍ରାଣୀଧନଙ୍କ ଚିକିତ୍ସା ସମସ୍ୟାର ସମାଧାନ ହୋଇପାରୁ ନ ଥିବାରୁ ଏଠାକାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ନିଶା ପ୍ରାଣୀଧନ ଚିକିତ୍ସାଳୟ ଉପରେ ନିଶା, ରାଇଝରଣ, କଙ୍କରେଇ ଓ ପରଙ୍ଗ ପଞ୍ଚାୟତର ପ୍ରାଣୀଧନ ପାଳକମାନେ ନିର୍ଭର କରନ୍ତି। ଏହି ପଞ୍ଚାୟତଗୁଡ଼ିକରେ ସହସ୍ରାଧିକ ପ୍ରାଣୀଧନ ରହିଛନ୍ତି। କିନ୍ତୁ ୨୦୧୮ରୁ ଏଠାରେ ଚିକିତ୍ସକ କି କର୍ମଚାରୀ ନାହାନ୍ତି। ଏପରି କି ପ୍ରଶାସନ ଆବଶ୍ୟକ ରକ୍ଷଣାବେକ୍ଷଣ କରୁ ନ ଥିବାରୁ ଉକ୍ତ ଚିକିତ୍ସାଳୟର ଚତୁଃପାର୍ଶ୍ୱ ଲଟାବୁଦାରେ ପରିପୂର୍ଣ୍ଣ ହୋଇଗଲାଣି। ଚିକିତ୍ସାଳୟ ଗୃହ ଭୂତକୋଠି ଭଳି ଦିଶୁଥିବା ବେଳେ ଭିତରେ ଥିବା ବିଭିନ୍ନ ଚିକିତ୍ସା ଉପକରଣ ମଧ୍ୟ ନଷ୍ଟ ହେବାକୁ ବସିଲାଣି। ଏହି ୪ ବର୍ଷ ମଧ୍ୟରେ ଆବଶ୍ୟକ ଚିକିତ୍ସା ନ ପାଇ ଅନେକ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଏପରିକି ପ୍ରଶାସନ ପ୍ରାଣୀଧନଙ୍କ ଚିକିତ୍ସା ପ୍ରତି ଗୁରୁତ୍ୱ ଦେଉ ନ ଥିବା ଦେଖି ଚାଷୀମାନେ ଗୋପାଳନରୁ ମୁହଁ ଫେରାଇବା ଆରମ୍ଭ କଲେଣି। ଚାଷୀମାନଙ୍କ ଏସବୁ ଅସୁବିଧା ଦୂର କରିବା ନିମନ୍ତେ ନିଶା ପଞ୍ଚାୟତର ସରପଞ୍ଚ ରାମଚନ୍ଦ୍ର ବେହେରା ଓ ସମିତିସଭ୍ୟା ତଥା ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ ଏହାର ସମାଧାନ ପାଇଁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ କେନ୍ଦ୍ରରେ ପ୍ରାଣୀ ଚିକିତ୍ସକ ନିଯୁକ୍ତି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### ଚାଷୀ ହେଉଛନ୍ତି ହଇରାଣ



“ ଜଣେ ପ୍ରାଣୀଧନ ଚିକିତ୍ସକ ନିଯୁକ୍ତି ପାଇଥିଲେ। କିନ୍ତୁ ବିଭାଗୀୟ ଅଧିକାରୀ ତାଙ୍କୁ ଜିଲା ପ୍ରାଣୀଧନ ଚିକିତ୍ସାଳୟକୁ ନେଇଯିବାରୁ ଏଠାରେ ଚିକିତ୍ସକ ପଦବୀ ଖାଲି ପଡ଼ିଛି। ଫଳରେ ଗାଈ, ଛେଳି, କୁକୁଡ଼ା ଓ ବତକ ଆଦି ପାଳନ କରିଥିବା ଚାଷୀମାନେ ହଇରାଣ ହେଉଛନ୍ତି। ନୂତନ ନିଯୁକ୍ତି ଦିଆଗଲେ ୪ଟି ପଞ୍ଚାୟତର ଚାଷୀ ଉପକୃତ ହୁଅନ୍ତେ।

-ଝରଣା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା

### ଆନ୍ଦୋଳନ ପାଇଁ ଚାଲିଛି ସଜବାଜ



“ ନିଶା ପ୍ରାଣୀଧନ ଚିକିତ୍ସାଳୟରେ ଖାଲି ପଡ଼ିଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ରୋଗରେ ବହୁ ଗୃହପାଳିତ ପ୍ରାଣୀ ମୃତ୍ୟୁମୁଖରେ ପଡ଼ୁଛନ୍ତି। ଏ ନେଇ ଆନ୍ଦୋଳନ କରିବାକୁ ଚାଷୀମାନେ ସଜବାଜ ହେଉଛନ୍ତି।

-ରାମଚନ୍ଦ୍ର ବେହେରା, ସରପଞ୍ଚ, ନିଶା

### ଆବଶ୍ୟକ ବେଳେ ମିଳୁନି ଚିକିତ୍ସା



“ ପରଙ୍ଗ ପଞ୍ଚାୟତର ବହୁ ଚାଷୀ ଛେଳି ଓ ଗାଈ ଫାର୍ମ କରିଛନ୍ତି। କିନ୍ତୁ ପ୍ରାଣୀଧନ ଚିକିତ୍ସକ ନ ଥିବାରୁ ସେମାନେ ଆବଶ୍ୟକ ବେଳେ ଗାଈ, ଛେଳିଙ୍କ ଚିକିତ୍ସା କରିପାରୁ ନାହାନ୍ତି। ପରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ନୂତନ ପ୍ରାଣୀଧନ ଚିକିତ୍ସାଳୟ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ନିର୍ମାଣ କରାଯାଇଥିଲେ ମଧ ଏଯାଏ ଖୋଲାଯାଉନାହିଁ ।

-ଅନନ୍ତ କୁମାର ବେହେରା, ପୂର୍ବତନ ଗ୍ରାମ ସଭାପତି, ପରଙ୍ଗ

### ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି



“ ନିଶା ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଚିକିତ୍ସକ ନାହାନ୍ତି। କୋଶଳାର ପ୍ରାଣୀ ଚିକିତ୍ସକଙ୍କୁ ସେଠାକୁ ସପ୍ତାହକୁ ୨ ଦିନ ପାଇଁ ପଠାଯାଉଛି। ୱାର୍କଲୋଡ୍ ଅଧିକ ଥିବାରୁ ନିଶାରେ କାର୍ଯ୍ୟ କରିବାରେ ସମ୍ପୃକ୍ତ ଡାକ୍ତରଙ୍କୁ ଅସୁବିଧା ହେଉଛି। ଏ ନେଇ ଉପରିସ୍ଥତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

-ବିକାଶ ବେହେରା, ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ

# ଅସଦାଚରଣ ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,୨୬।୭(ସ୍ୱ.ପ୍ର)

ଛେଣ୍ଡିପଦା ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ଅସଦାଚରଣ ମାମଲାରେ ଫେରାର ଥିବା ଅଭିଯୁକ୍ତ ବୁଲୁ ନାଏକଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ପୋଲିସ କହିଛି, ୨ଜଣ ଯୁବତୀ ଗ୍ରାମ ନିକଟସ୍ଥ ପଡ଼ିଆକୁ ଶୌଚ ପାଇଁ ଯାଇଥିବା ବେଳେ ବୁଲୁ ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିବା ନେଇ ଗତ ୧୮ ତାରିଖରେ ଅଭିଯୋଗ ହୋଇଥିଲା। ନଂ. ୩୪୪/୨୨ରେ ଏକ ମାମଲା ରୁଜୁ କରାଯାଇଥିଲେ ହେଁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିଲା। ଏପରି କି ପୋଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରି ସମ୍ପୃକ୍ତା ଯୁବତୀଙ୍କ ସମ୍ପର୍କୀୟ ଓ ଗ୍ରାମର ଶତାଧିକ ମହିଳା ଗତ ୨୪ ତାରିଖରେ ଥାନା ଘେରାଉ କରିଥିଲେ। ୭ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଥିଲା। ଏହାପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଥାନା ଅଧିକାରୀ ଧୀରେନ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଦେବଗଡ ଜିଲା ରିଆମାଳ ଥାନା ଦଶଘରିଆ ଗ୍ରାମରେ ଚଢାଉ କରାଯାଇ ବୁଲୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପ୍ରକାଶ କରିଛି।



# ‘ସେବା, ସାହସିକତା ଓ ସରଳତାର ସମାହାର’

ଅନୁଗୋଳ ଅଫିସ, ୨୬।୭

## ବିପ୍ଳବିନୀ ମାଳତୀ ଚୌଧୁରୀଙ୍କ ଜୟନ୍ତୀ

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସର ଶାନ୍ତି ମନ୍ଦିରରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବିନୀ ମାଳତୀ ଦେବୀ ଚୌଧୁରୀଙ୍କ ୧୧୮ ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ସୁମିତ୍ରା ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଡ. ସ୍ୱାଧୀନ ପଟ୍ଟନାୟକ ମୁଖ୍ୟ ଅତିଥି, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ସଚ୍ଚିଦାନନ୍ଦ ମହାନ୍ତି ବିଶିଷ୍ଟ ଅତିଥି, ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଚୈତନ୍ୟ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରାବାସର ମୁଖ୍ୟ ଉପଦେଷ୍ଟା କୃଷ୍ଣା ମହାନ୍ତି ବିଶିଷ୍ଟ ଅତିଥି ଏବଂ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେବା, ସାହସିକତା ଓ ସରଳତା ସହ ଅପୂର୍ବ ଦେଶପ୍ରେମର ସମାହାର ମାଳତୀ ଦେବୀଙ୍କ ମଧ୍ୟରେ ଏକତ୍ରିତ ହୋଇଥିଲା ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଆନନ୍ଦ ଚନ୍ଦ୍ର ମହାପାତ୍ର, ଡ. ରମା ମଞ୍ଜରୀ ସାହୁ, ବିଶ୍ୱରଞ୍ଜନ ପ୍ରଧାନ, କୁଳମଣି ବେହେରା, ଲିପିକା ମହାପାତ୍ର ପ୍ରମୁଖ ସ୍ମୃତି ଚାରଣ ପର୍ବରେ ଭାଗନେଇ ଥିଲେ। ଅନୁଗୋଳ ଜିଲା ଉତ୍କଳ ସମ୍ମିଳନୀ ତରଫରୁ ବାଜି ରାଉତ ଛାତ୍ରାବାସର କର୍ମକର୍ତ୍ତାମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ବିକ୍ରମ କେଶରୀ ଦାସ, ଶିବରାମ ମିଶ୍ର, ଜୟ ନାରାୟଣ ନାୟକ, ଶ୍ରୀକାନ୍ତ କୁମାର ସାହୁ, କୈଳାସ ଚନ୍ଦ୍ର ସାହୁ, ସରସ୍ୱତୀ ସ୍ୱାଇଁ, ଶାନ୍ତିଲତା ପ୍ରଧାନ, ଆନନ୍ଦିକା ସାମନ୍ତରାୟ, ଗୋପାଳ ଚନ୍ଦ୍ର ସାମନ୍ତରାୟ, ବନମାଳୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଡ. ଇନ୍ଦିରା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ଜୟନ୍ତୀ ସଭାରେ ଉପସ୍ଥିତ କର୍ମକର୍ତ୍ତାଙ୍କ ସହ ଛାତ୍ରୀଛାତ୍ରମାନେ।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଛେଣ୍ଡିପଦା, ୨୬।୭ (ସ୍ୱ.ପ୍ର.)



ତହସିଲ ସମ୍ମୁଖରେ ଓକିଲ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ଅନୁଗୋଳ ଜିଲା ଛେଣ୍ଡିପଦା ଓକିଲ ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୪ ଦଫା ଦାବି ନେଇ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଛି। ସଂଘ ସଭାପତି ପଦ୍ମଚରଣ ମାଝିଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଧାରଣାସ୍ଥଳରେ ପହଞ୍ଚି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ।

ସଂଘ ପକ୍ଷରୁ କୁହାଯାଇଛି, ଜମି ରେଜିଷ୍ଟ୍ରେଶନ୍ ପାଇଁ ଜାଲ ଉତ୍ତରାଧିକାରୀ ପ୍ରମାଣପତ୍ରର ଦଲିଲ ପ୍ରସ୍ତୁତ ନେଇ ଛେଣ୍ଡିପଦା ତହସିଲଦାର ଓକିଲ ସଂଘର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଗଡ଼ନାୟକଙ୍କ ସମେତ ୫ଜଣଙ୍କ ନାମରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଓକିଲ ସଂଘ ପକ୍ଷରୁ ଏହାକୁ ନିନ୍ଦା କରାଯିବା ସହିତ ଓକିଲଙ୍କ ନାମରେ ହୋଇଥିବା ମାମଲା ପ୍ରତ୍ୟାହାର ଓ ତହସିଲରେ ହୋଇଥିବା ବିଭିନ୍ନ ଦୁର୍ନୀତିର ୭ଦିନ ମଧ୍ୟରେ ସମାଧାନ ପାଇଁ ଅନୁଗୋଳ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦିଆଯାଇଥିଲା। କିନ୍ତୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାର୍ କାର୍ଯ୍ୟାଳୟରେ ସୋମବାର ଜରୁରୀ ବୈଠକ ବସିଥିଲା। ଉକ୍ତ ବୈଠକର ନିଷ୍ପତ୍ତି ଅନୁଯାୟୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ବନ୍ଦ କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଜମି ଦୁର୍ନୀତିରେ ସମ୍ପୃକ୍ତ ଥିବା ତହସିଲଦାରଙ୍କୁ ନିଲମ୍ବନ ଓ ଗିରଫ କରାଯିବା, ଓକିଲ ସଂଘ ସଦସ୍ୟଙ୍କ ନାମରେ ହୋଇଥିବା ମାମଲା ପ୍ରତ୍ୟାହାର ଏବଂ ନୂତନ ସବ୍ ରେଜିଷ୍ଟ୍ରାର ନିଯୁକ୍ତି ଆଦି ଦାବିରେ ଏହି ଧାରଣା ଦିଆଯାଇଛି। ଅପରପକ୍ଷରେ ଏହି ଧାରଣା ସମୟରେ ଆଇନଜୀବୀ ଦୁଷ୍ମନ୍ତ କର ଧାରଣାରତ ଓକିଲ ରାଜକିଶୋର ବେହେରାଙ୍କୁ ଗାଳିଗୁଲଜ କରିଥିଲେ। ଓକିଲ ଯତୀନ୍ଦ୍ର କୁମାର କର ବୁଝାଶୁଝା କଲାବେଳେ ତାଙ୍କୁ ମଧ ଗାଳିଗୁଲଜ କରିଥିଲେ। ପରେ ସଭାପତି ଏଥିରେ ହସ୍ତକ୍ଷେପ କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ଆଇନଜୀବୀ ରାଜକିଶୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁଷ୍ମନ୍ତ ମଧ୍ୟ ଏକ ଏତଲା ଦେଇଛନ୍ତି। ତେବେ ଖବର ଲେଖାହେବା ବେଳକୁ ଏ ନେଇ ମାମାଲା ରୁଜୁ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡିଛି।

## ଜାଲ୍ ଦଲିଲ ନେଇ ଆଇନଜୀବୀଙ୍କ ନାମରେ ମାମଲା ରୁଜୁ ଘଟଣା




ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ପକ୍ଷରୁ ମଙ୍ଗଳବାର ଆୟୋଜିତ କାର୍‌ଗିଲ ବିଜୟ ଦିବସରେ ଛାତ୍ରୀଛାତ୍ରଙ୍କ ସମେତ କଲେଜ କର୍ମଚାରୀବୃନ୍ଦ।

# ମନେପଡ଼ିଲେ କାର୍‌ଗିଲ ବୀର

**ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ବିଜୟ ଦିବସ ପାଳିତ**

**ଢେଙ୍କାନାଳ ଅଫିସ, ୨୬।୭**

କାର୍‌ଗିଲ ଯୁଦ୍ଧରେ ପାକିସ୍ତାନକୁ ପରାହତ କରି ବରଫାବୃତ୍ତ ପାହାଡ଼ରେ ବୀରତ୍ୱର ପରାକାଷ୍ଠା ଦେଖାଇଥିଲେ ଭାରତୀୟ ବୀର ଯବାନ। ପାକିସ୍ତାନୀ ସେନାର ଅନୁପ୍ରବେଶକୁ ପଣ୍ଡ କରିବା ସମୟରେ ସମ୍ମୁଖ ଯୁଦ୍ଧରେ ଶହୀଦ ହୋଇଥିଲେ ୫୨୭ ଭାରତୀୟ ସୈନିକ। ୧୯୯୯ରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଏହି ଯୁଦ୍ଧକୁ ବିତିଗଲାଣି ୨୨ ବର୍ଷ। ଜୁଲାଇ ୨୬ରେ ଦେଶ କାର୍‌ଗିଲ ବିଜୟ ଦିବସ ପାଳନ କରୁଥିବାବେଳେ ଏଥିରେ ସାମିଲ ହୋଇଥିଲେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଛାତ୍ରୀଛାତ୍ର।

କଲେଜ ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନ କାର୍‌ଗିଲ ଯୁଦ୍ଧ, ବିଜୟ ଦିବସ ଏବଂ ଏଥିରେ ଭାରତୀୟ ଯବାନଙ୍କ ବୀରତ୍ୱର ଗାଥା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ପ୍ରବଳ ଶୀତ ସମୟରେ ତୁଷାରପାତର ସୁଯୋଗ ନେଇ ପାକିସ୍ତାନ ସେନା କାର୍‌ଗିଲରେ ଅନୁପ୍ରବେଶ କରିଥିଲା। ସେମାନେ ଉପରେ ରହି ଘନଘନ ଆକ୍ରମଣ କରିଥିଲେ। ଅପେକ୍ଷାକୃତ ନିମ୍ନ ଭାଗରେ ଥିବା ଭାରତୀୟ ଯବାନମାନେ ସେମାନଙ୍କୁ ବହୁ କଷ୍ଟରେ ପ୍ରତିହତ କରିଥିଲେ। ଶେଷରେ ଜୁଲାଇ ୨୬ରେ ବହୁ ପ୍ରତୀକ୍ଷିତ ବିଜୟ ମିଳିଥିଲା ବୋଲି ସୂଚନା ଦିଆଯାଇଥିଲା। ସହକାରୀ ପ୍ରଫେସର ସାରଦା ପାଢ଼ୀ, ଦେବାଶିଷ ଦାସ, ରାକେଶ ଚନ୍ଦ୍ର ସାହୁ, ଏନ୍‌ସିସି ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କ ସ୍ମୃତିଚାରଣ କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ଭୁବନ, ୨୬।୭ (ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ୧ନଂ. ୱାର୍ଡ ଅଧୀନ ଲତାବିଲ ଅଞ୍ଚଳରେ ରହୁଥିବା ଧନେଶ୍ୱର ଦାସଙ୍କ ସ୍ତ୍ରୀ ସସ୍ମିତା ନାୟକ (୨୯)ଙ୍କ ବିଦ୍ୟୁତ୍ ଆଘାତରେ ମଙ୍ଗଳବାର ମୃତ୍ୟୁ ଘଟିଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ସେ ଇଲେକ୍ଟ୍ରି ବୋର୍ଡରୁ ପ୍ଲଗ୍ ବାହାର କରୁଥିବାବେଳେ ବିଦ୍ୟୁତ୍ ଆଘାତର ଶିକାର ହୋଇ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ସେତେବେଳେ ଘରେ କେହି ନ ଥିଲେ। ଚିତ୍କାର ଶୁଣି ପାଖପଡ଼ୋଶୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଭୁବନ ମେଡିକାଲକୁ ନେଇ ଆସିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡାକ୍ତରଖାନା ସୂତ୍ରରୁ ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ନଂ. ୧୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅପରାହ୍ନରେ ଭୁବନ ତହସିଲଦାର ଦାୟିତ୍ୱରେ ଥିବା ରବୀନ୍ଦ୍ର କୁମାର ସାମଲ ପହଞ୍ଚି ତଦନ୍ତ କରିଥିଲେ। ସୂଚନାଯୋଗ୍ୟ, ଗଁଦିଆ ବ୍ଲକ ଅଞ୍ଚଳର ସସ୍ମିତା ଦେଢ଼ବର୍ଷ ତଳେ ଧନେଶ୍ୱରଙ୍କୁ ବିବାହ କରିଥିଲେ। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### 'ଆମ ଐତିହ୍ୟ, ଆମ ସଂସ୍କୃତି' ପାଠଚକ୍ର

**ଢେଙ୍କାନାଳ ଅଫିସ, ୨୬।୭:** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଢେଙ୍କାନାଳ ଜିଲା ଶାଖାର ୨୧ତମ 'ଆମ ଐତିହ୍ୟ, ଆମ ସଂସ୍କୃତି' ଶୀର୍ଷକ ଇ-ପାଠଚକ୍ର ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶାଖା ସଭାପତି ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ସହାୟକ ପ୍ରାଧ୍ୟାପକ ଡ. କୈଳାସ ଚନ୍ଦ୍ର ଦାସ ଯୋଗଦେଇ ସାମ୍ପ୍ରତିକ ସମୟରେ ଯୁବଗୋଷ୍ଠୀର ଭୂମିକା ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଯୁବଗୋଷ୍ଠୀ ପ୍ରଭାବଶାଳୀ। ଯୁବ ସମ୍ବଳକୁ ବରିଷ୍ଠମାନେ ଠିକ୍ ଭାବେ ବିନିଯୋଗ କରିପାରିଲେ ଦେଶର ଉନ୍ନତି ହେବ। ଏହା ପରିବାରରୁ ଆରମ୍ଭ ହେବା ଉଚିତ ବୋଲି ସେ କହିଥିଲେ। ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମଲ୍ଲିକ ବନ୍ଦନା ଗାନ, ଶାନ୍ତିମନ୍ତ୍ର ଓ ମହିମା କଲେଜ ଅଧ୍ୟାପିକା ଡ. ଶକୁନ୍ତଳା ଭୂୟାଁ ବିବେକ ବାଣୀ ପାଠ କରିଥିଲେ। ଶାଖାର ଆଜୀବନ ସଦସ୍ୟ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶାଖାର ଉପସଭାପତି ଅଧ୍ୟାପକ ଦେବରାଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଜିଲା ସମ୍ପାଦକ ପଣ୍ଡିତ ବିପିନ ବିହାରୀ ଶତପଥୀଙ୍କ ସଭାପତିତ୍ୱରେ ସାଙ୍ଗଠନିକ ଆଲୋଚନା ହୋଇଥିଲା। ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଡ. ନିରଞ୍ଜନ ନାୟକ, ଯୁଗ୍ମ ସମ୍ପାଦକ ସୀମାଞ୍ଚଳ ମିଶ୍ର, ମଧ୍ୟମ ସମ୍ଭାଗ ସମ୍ପାଦକ ରବୀନ୍ଦ୍ର ସାହୁ, ରାଜ୍ୟ ବିଚାରଧାରାର ସଂଯୋଜକ ବରିଷ୍ଠ ଶିକ୍ଷାବିତ୍ ଶଙ୍କର୍ଷଣ ଶତପଥୀ, ସହସମ୍ପାଦକ ସଦାନନ୍ଦ ରାଉତ, ଉପସଭାପତି ଅଧ୍ୟାପକ ଦେବରାଜ ବେହେରା, ଦୀପ୍ତିମୟୀ ଲେଙ୍କା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ଆଜୀବନ ସଭ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଜିତେନ୍ଦ୍ର ପରିଡ଼ା, ବୈକୁଣ୍ଠ ବିହାରୀ ସ୍ୱାଇଁ, ଦୀନବନ୍ଧୁ ପୋଇ, ବିନୟ ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସଡ଼କ ପାଇଁ ୭ ଦଶନ୍ଧିର ସଂଘର୍ଷ

**ପରଜଙ୍ଗ, ୨୬।୭(ଡି.ଏନ୍.ଏ.)**



ଆନ୍ଦୋଳନରତ ଗ୍ରାମବାସୀଙ୍କ ସହ ବନ ବିଭାଗ ଅଧିକାରୀ ଆଲୋଚନା କରୁଛନ୍ତି।

- **ବନ ବିଭାଗ ଗାଡ଼ି ଅଟକାଇଲେ ବାଘମୁଣ୍ଡାବାସୀ**
- **ପ୍ରତିଶ୍ରୁତି ଦେବା ପରେ ଛାଡ଼ ପାଇଲେ କର୍ମଚାରୀ**

ବନ ବିଭାଗର କଟକଣା ଓ କଡ଼ା ନିୟମ ଆଗରେ ଆଣ୍ଠେଇ ପଡ଼ିଛି ବିକାଶ। ଜଟିଳ ଆଇନଗତ ପ୍ରକ୍ରିୟା ପାଇଁ ଦୀର୍ଘ ୬୯ବର୍ଷ ହେଲା ଗାଁକୁ ନିର୍ମାଣ ହୋଇପାରୁନି ସାମାନ୍ୟ ସଡ଼କଟିଏ। ଏଥିପାଇଁ ପ୍ରତିବାଦ କି ଆନ୍ଦୋଳନ ହୋଇନି ତାହା ନୁହେଁ। ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ସମସ୍ୟା ସମ୍ପର୍କରେ ପ୍ରଶାସନଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କୁ ଗୁହାରି ମଧ୍ୟ କରିଛନ୍ତି। ହେଲେ ସବୁଥର କେବଳ ପ୍ରତିଶ୍ରୁତିରେ ସେମାନଙ୍କୁ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଧୈର୍ଯ୍ୟର ସବୁ ସୀମା ଟପିଯିବା ପରେ ଦୀର୍ଘ ୭ ଦଶନ୍ଧି ହେଲା ସାଧାରଣ ଏକ ରାସ୍ତା ପାଇଁ ସଂଘର୍ଷ ଚଳାଇଥିବା ବାଘମୁଣ୍ଡା ଗ୍ରାମବାସୀ ଶେଷରେ ବନ ବିଭାଗ ଉପରେ ଝାଡ଼ିଛନ୍ତି ରୋଷ। ମଙ୍ଗଳବାର ଶତାଧିକ ମହିଳାପୁରୁଷ ଏକାଠି ହୋଇ ବନ କର୍ମଚାରୀଙ୍କୁ ଅଟକ ରଖିବା ସହ ଦାବି ଦୋହରାଇଛନ୍ତି ସେମାନେ।

ହାତଗଣତି ଆଦିବାସୀ ପରିବାରକୁ ନେଇ ୧୯୫୭ରେ ଗଠିତ ହୋଇଥିଲା ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଟୁରିଆ ପଞ୍ଚାୟତର ବାଘମୁଣ୍ଡା ଗାଁ। ଏବେ ପରିବାର ସଂଖ୍ୟା ବଢ଼ି ୧୦୦ରେ ପହଞ୍ଚିଛି। ଗ୍ରାମ ପ୍ରତିଷ୍ଠା ହେବାର ୬୯ ବର୍ଷ ଅତିକ୍ରାନ୍ତ ହୋଇଯାଇଥିବାବେଳେ ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ। ଆଜି ବି ପାଦଚଲା ରାସ୍ତାରେ ଲୋକେ ଯାତାୟାତ କରୁଥିବାବେଳେ ଜରୁରୀ ସମୟରେ ପହଞ୍ଚି ପାରୁନାହିଁ ଆମ୍ବୁଲାନ୍ସ କି ଅଗ୍ନିଶମ ଗାଡ଼ି। ଖରା, ଶୀତଦିନେ ଯେନତେନ ପ୍ରକାରେ ଚଳି ଯାଉଥିବାବେଳେ ବର୍ଷା ହେଲେ ସୃଷ୍ଟି ହେଉଛି ସଙ୍ଗିନ ସ୍ଥିତି। ଲୋକମାନେ ବିଚ୍ଛିନ୍ନାଞ୍ଚଳର କଷ୍ଟ ଭୋଗୁଛନ୍ତି। ପିଲାମାନଙ୍କ ପାଠପଢ଼ା ବ୍ୟାହତ ହେଉଛି। ମରଣଯନ୍ତା ପାଲଟିଥିବା ରାସ୍ତାରେ ପଡ଼ି ଅନେକେ ଖଣ୍ଡିଆ ଖାବରା ହେଉଛନ୍ତି। ଉକ୍ତ ରାସ୍ତା ବନ ବିଭାଗ ଅଧୀନରେ ଆସୁଥିବାରୁ ଜିଲା ପ୍ରଶାସନ ହସ୍ତକ୍ଷେପ କରିପାରୁନାହିଁ। ଅନ୍ୟପଟେ ଅନୁଦାନ ଅଭାବ କହି ବନ ବିଭାଗ ଦିନ ଗଡ଼ାଇ ଚାଲିଥିବାରୁ ସମସ୍ୟା ସୀମା ଟପିଲାଣି। ଏହାର ପ୍ରତିବାଦରେ ମଙ୍ଗଳବାର ବାଘମୁଣ୍ଡା ଗ୍ରାମବାସୀ ମୁକ୍ତାପଶି ବନ ବିଭାଗର ପାଟ୍ରୋଲିଂ ଗାଡ଼ିକୁ ଅଟକ ରଖିଥିଲେ। ଏଥିସହ ବାଘମୁଣ୍ଡା-ଶୁଣ୍ଢିକାଟେଣୀ ରାସ୍ତା ଅବରୋଧ କରିଥିଲେ ଶତାଧିକ ମହିଳାପୁରୁଷ। ଗ୍ରାମକୁ ସବୁଦିନିଆ ପକ୍କା ସଡ଼କ ନ ହେଲେ ପରିସ୍ଥିତି ଭୟାବହ ହେବ। ଏଥିପାଇଁ ବନ ବିଭାଗ, ଜିଲା ପ୍ରଶାସନ ଏବଂ ଜନପ୍ରତିନିଧି ଦାୟୀ ରହିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସୂଚନା ପାଇ ମୁକ୍ତାପଶି ଫରେଷ୍ଟର ପ୍ରଦୀପ କୁମାର ଭଞ୍ଜ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ବର୍ତ୍ତମାନ ସମୟରେ ରାସ୍ତାରେ ଯେପରି ଯାତାୟାତ କରିହେବ ତାହାକୁ ନଜରରେ ରଖି ମୋରମ ବିଛାଯିବ। ବର୍ଷାଦିନ ପରେ ସ୍ଥାୟୀ ରାସ୍ତା ନିର୍ମାଣ ଲାଗି ପଦକ୍ଷେପ ନିଆଯିବ। ଲୋକଙ୍କ ସମସ୍ୟାକୁ ବନ ବିଭାଗ ଗୁରୁତ୍ୱର ସହ ନେଇଛି। ଏ ସଂକ୍ରାନ୍ତରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି ବୋଲି ଫରେଷ୍ଟର କହିଥିଲେ। ପ୍ରତିଶ୍ରୁତି ପାଇବା ପରେ ଗ୍ରାମବାସୀ ବନ ବିଭାଗ ଗାଡ଼ିକୁ ଛାଡ଼ିଥିଲେ।

# ଅନୁଗୋଳରୁ ଢେଙ୍କାନାଳ ଦେଇ ଚେନ୍ନାଇକୁ ରେଳ ସେବା ଦାବି

**ପାର୍ଲାମେଣ୍ଟରେ ପ୍ରସ୍ତାବ ରଖିଲେ ଏମ୍‌ପି**

**ଢେଙ୍କାନାଳ ଅଫିସ, ୨୬।୭**

ଅନୁଗୋଳରୁ ଢେଙ୍କାନାଳ ଦେଇ ଚେନ୍ନାଇକୁ ସିଧାସଳଖ ରେଳ ଚଳାଚଳ କରୁ ବୋଲି ମଙ୍ଗଳବାର ପାର୍ଲାମେଣ୍ଟରେ ପ୍ରସ୍ତାବ ରଖିଛନ୍ତି ଢେଙ୍କାନାଳ ଏମ୍‌ପି ମହେଶ ସାହୁ। ଶିଳ୍ପସମୃଦ୍ଧ ଦୁଇ ଜିଲାର ଶିଳ୍ପାନୁଷ୍ଠାନ ଉପରେ ନିର୍ଭରଶୀଳ ଯାତ୍ରୀ, ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷା, ପରିଭ୍ରମଣ ଆଦି କାର୍ଯ୍ୟକ୍ରମ ଲାଗି ଏହା ଜରୁରୀ। ଏହାକୁ ଗୁରୁତ୍ୱର ସହ ବିଚାର କରିବାକୁ ଏମ୍‌ପି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏମ୍‌ପି କହିଛନ୍ତି, ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅନୁଗୋଳ-ଢେଙ୍କାନାଳ-ତାଳଚେର ରେଳଲାଇନ୍ ଅଞ୍ଚଳବାସୀଙ୍କ ଜୀବନରେଖା ସଦୃଶ। ଉଭୟ ଅନୁଗୋଳ ଏବଂ ଢେଙ୍କାନାଳ ଶିଳ୍ପସମୃଦ୍ଧ। ସାଂସ୍କୃତିକ ଏବଂ କୃଷିରେ ମଧ୍ୟ ସମୃଦ୍ଧ। ଅନୁଗୋଳ, ତାଳଚେର ଓ ଢେଙ୍କାନାଳରୁ ପର୍ଯ୍ୟାପ୍ତ ରାଜସ୍ୱ ଆଦାୟ ହେଉଛି। କୋଇଲା ନଗରୀ ତାଳଚେରକୁ କେନ୍ଦ୍ରକରି ବହୁ ଶିଳ୍ପ ଗଢ଼ିଉଠିଛି। ତେବେ ଢେଙ୍କାନାଳ, ଅନୁଗୋଳ ଓ ତାଳଚେର ଦେଇ ଅନ୍ୟ ରାଜ୍ୟକୁ ରେଳ ଚଳାଚଳ କରୁଥିବାବେଳେ ଦକ୍ଷିଣ ଭାରତକୁ ସିଧାସଳଖ କୌଣସି ଟ୍ରେନ୍ ସୁବିଧା ନାହିଁ। ତେଣୁ ଦକ୍ଷିଣ ଭାରତକୁ ଯିବା ଆସିବାରେ ଯାତ୍ରୀଙ୍କୁ ନାନାପ୍ରକାର ଅସୁବିଧା ଭୋଗିବାକୁ ପଡୁଛି। ତେଣୁ ଚେନ୍ନାଇ କିମ୍ବା ତ୍ରିଭେନ୍ଦ୍ରମକୁ ଟ୍ରେନ୍ ଚଳାଚଳ ସୁବିଧା କରିବାକୁ 'ଆମ ପ୍ରତିଭା ଆମ ସମ୍ମାନ' ଅନୁଷ୍ଠାନ ଏବଂ ଜନସାଧାରଣଙ୍କ ପକ୍ଷରୁ ଲିଖିତ ଦାବି କରାଯାଇଥିଲା। ପାର୍ଲାମେଣ୍ଟରେ ଏମ୍‌ପିଙ୍କ ଏହି ପ୍ରସ୍ତାବକୁ 'ଆମ ପ୍ରତିଭା ଆମ ସମ୍ମାନ'ର ସଭାପତି ପ୍ରିୟରଞ୍ଜନ ମାହୁନ୍ତ, ଓଡାପଡା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, କଙ୍କଡାହାଡ ବ୍ଲକ ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଏମ୍‌ପିଙ୍କ ବ୍ୟକ୍ତିଗତ ସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର, ରୁଦ୍ରାନ୍ତ ଦଳେଇ, ତିଳୋତ୍ତମ ଚୌଧୁରୀ, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ଅଥୟ ସାହୁ, ଅରବିନ୍ଦ ସାହୁ, ସଦାଶିବ ମହାପାତ୍ର, ସତ୍ୟସ୍ୱରୂପ ଦାସ, ବିନୋଦ ମହାନ୍ତି, ଜିତେନ୍ଦ୍ର ପଟ୍ଟନାୟକ, ଶ୍ୟାମସୁନ୍ଦର ସାହୁ, ସତ୍ୟନାରାୟଣ କର, ମହେନ୍ଦ୍ର ସାହୁ, ଦୁଷ୍ମନ୍ତ ମହାନ୍ତି ପ୍ରମୁଖ ସ୍ୱାଗତ କରିଛନ୍ତି।

# ପ୍ରାକୃତିକ ଚିକିତ୍ସାକୁ ପ୍ରୋତ୍ସାହନ ଦାବି

**ଢେଙ୍କାନାଳ ଅଫିସ, ୨୬।୭**

ପ୍ରାକୃତିକ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହନ ଦେବା ଏବଂ ଏଥିପ୍ରତି ସଚେତନତା ସୃଷ୍ଟି କରିବାକୁ ଦାବି କରିଛନ୍ତି ମଦର ନେଚରପ୍ୟାଥିକ ଫାଉଣ୍ଡେଶନ୍ ଟ୍ରଷ୍ଟର ଅଧ୍ୟକ୍ଷ ପୀତବାସ ସାହୁ। ଏ ନେଇ ଏକ ପ୍ରତିନିଧି ଦଳ ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ଭେଟି ଦାବି ଜଣାଇଛନ୍ତି। ଔଷଧମୁକ୍ତ ଜୀବନଯାପନ ପାଇଁ ପ୍ରାକୃତିକ ଚିକିତ୍ସାର ଆବଶ୍ୟକତା ରହିଛି। ମାଟି, ପାଣି, ପବନ, ଅଗ୍ନି, ଆକାଶ ଆଦି ପଞ୍ଚତତ୍ତ୍ୱକୁ ବ୍ୟବହାର କରି ସବୁ ରୋଗର ଚିକିତ୍ସା କରାଯାଇପାରିବ। ଏଥିଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଅଭିଯାନ ଆରମ୍ଭ ହୋଇଛି ବୋଲି ଟ୍ରଷ୍ଟ ପକ୍ଷରୁ ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ ଦାସଙ୍କୁ ଅବଗତ କରାଯାଇଛି। ପ୍ରତିନିଧି ଦଳରେ ଉତ୍ପୁନାର ରାଜ୍ୟ ଅଧ୍ୟକ୍ଷ ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ, ସମାଜବାଦୀ ନେତା ସରୋଜ ଶତପଥୀ, ଯୁବନେତା ଶକ୍ତି ପ୍ରସାଦ ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ କବି ବାହାଦୁର ପାଟ୍ଟସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିନ୍ଧୋଳ ଡକାୟତି ଘଟଣାରେ ୩ ଗିରଫ

**୧୦ ହଜାର ଟଙ୍କା, ମାରଣାସ୍ତ୍ର ଜବତ**

**ଢେଙ୍କାନାଳ ଅଫିସ, ୨୬।୭**



ପୋଲିସ ହାତରେ ଧରାପଡ଼ିଥିବା ୩ ଅଭିଯୁକ୍ତ।

ଢେଙ୍କାନାଳ ସଦର ଥାନା ବିନ୍ଧୋଳ ଗ୍ରାମର ସୁବାସ ଚନ୍ଦ୍ର ସାହୁଙ୍କ ଘରୁ ଗତ ୧୦ ତାରିଖ ରାତିରେ ହୋଇଥିବା ଡକାୟତି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦେବାଶିଷ ରାଉତ ଓରଫ ରାଜା, ପପୁ ନାୟକ ଓରଫ ମୁନା ଓ ସନା ନାୟକ। ସେମାନଙ୍କ ନିକଟରୁ ୧୦ ହଜାର ଟଙ୍କା, ୩ ଖଣ୍ଡା, କଟୁରି ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୬ଜଣ ଫେରାର ଅଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଘଟଣା ଦିନ ରାତି ୭ଟାରୁ ୯ଟା ମଧ୍ୟରେ ସୁବାସଙ୍କ ଘରେ ଡକାୟତି ହୋଇଥିଲା। ସୁବାସଙ୍କ ଅନୁପସ୍ଥିତିରେ ଅଭିଯୁକ୍ତମାନେ ଘରେ ପଶି କବାଟ ଭାଙ୍ଗି ତାଙ୍କ ବାପାଙ୍କୁ ଠେଙ୍ଗା, କଟୁରିରେ ଆକ୍ରମଣ କରିଥିଲେ। ମା'ଙ୍କୁ ଭୟଭୀତ କରାଇ ୨ଲକ୍ଷ ଟଙ୍କାର ଅଳଙ୍କାର ଏବଂ ନଗଦ ଟଙ୍କା ଧରି ଚମ୍ପଟ ମାରିଥିଲେ। ଏଥିସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ସଂକ୍ରାନ୍ତରେ ସଦର ଥାନାରେ ୧୧ ତାରିଖରେ ନଂ. ୩୦୯/୨୨, ଦଫା ୪୫୮, ୩୯୫, ୪୨୭, ୩୪୨ ଓ ୫୦୬ରେ ଏକ ମାମଲା ରୁଜୁ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି।

# ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଭା ବିକାଶ କରିପାରିବ

**ଢେଙ୍କାନାଳ ଅଫିସ, ୨୬।୭**



ଶିଶୁ ରଙ୍ଗ ମହୋତ୍ସବ ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**୨ଦିନିଆ ଶିଶୁ ରଙ୍ଗ ମହୋତ୍ସବ**

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍‌ହଲ୍ ପରିସରରେ ଦୁଇଦିନ ଧରି ଚାଲିଥିବା 'ଶିଶୁ ରଙ୍ଗ ମହୋତ୍ସବ' ଉଦ୍‌ଯାପିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଭିଚାର' ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ରର ଉପନିର୍ଦ୍ଦେଶକ ଅଶୋକ କୁମାର ଦାଶ ଯୋଗଦେଇ କହିଲେ, ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁଙ୍କ ପ୍ରତିଭା ବିକଶିତ ହୋଇପାରିବ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ବାହାରକୁ ଆସିପାରିବ। ଏଭଳି ଏକ ନିଆରା କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ମୁଖ୍ୟ ଅତିଥି ଆୟୋଜକଙ୍କୁ ସାଧୁବାଦ ଜଣାଇଛନ୍ତି।

ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, ସାମାଜିକ କର୍ମୀ ଚିତ୍ତରଞ୍ଜନ ମହାନ୍ତି, ନ୍ୟୁ ଇଣ୍ଡିଆ ସମ୍ପାଦକ ଶେଷଦେବ ରାଉତ ଯୋଗଦେଇ ଶିଶୁଙ୍କ ପ୍ରତିଭା ବିକାଶରେ ଯଥାସମ୍ଭବ ପ୍ରୋତ୍ସାହନ ଦେବାକୁ ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିବେଦନ କରିଥିଲେ। 'ଭିଚାର'ର ନିର୍ଦ୍ଦେଶକ ଜୟନ୍ତ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଢେଙ୍କାନାଳର ୨୧ଟି ବିଦ୍ୟାଳୟର ପ୍ରାୟ ୪୦୦ ପ୍ରତିଯୋଗୀଙ୍କୁ ନେଇ ଚିତ୍ରାଙ୍କନ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ 'ନିତା ନୃତ୍ୟାଙ୍ଗନା' ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଶିଷ ପାଲ, କବି ଅଥୟ ସାହୁ, ଅନୁଷ୍ଠାନର ଉପଦେଷ୍ଟା ମନୋରଞ୍ଜନ ମହାନ୍ତି, ସାରଦା ପ୍ରସନ୍ନ ହୋତା, ସୁଶାନ୍ତ ସାହୁ, ରାଜେନ୍ଦ୍ର ଦାସ, ଅନନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁକନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆମ ଆଦିବାସୀ ଓଡ଼ିଆ ଝିଅ' ସିଡୀ ଉନ୍ମୋଚିତ

**ଗୀତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସଂଘର୍ଷର କାହାଣୀ**

**ଢେଙ୍କାନାଳ ଅଫିସ, ୨୬।୭**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନ ସଂଘର୍ଷର କାହାଣୀ ଉପରେ ଆଧାରିତ ଏକ ଅଡିଓ ସିଡୀ 'ଆମ ଆଦିବାସୀ ଓଡ଼ିଆ ଝିଅ' ଉନ୍ମୋଚିତ ହୋଇଛି। ଢେଙ୍କାନାଳର କବି ତଥା ଗୀତିକାର ଅବନୀ କୁମାର ମିଶ୍ରଙ୍କ ଉଦ୍ୟମରେ ଏହାକୁ ପ୍ରସ୍ତୁତ କରାଯାଇଥିବାବେଳେ ମଙ୍ଗଳବାର ଜିଲା କାର୍ଯ୍ୟାଳୟରେ ଏହାକୁ ଉନ୍ମୋଚନ କରିଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ଏହାକୁ ଗୀତିକାର ତଥା ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ କୁମାର ମିଶ୍ର ରଚନା କରିଥିବାବେଳେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ରଶ୍ମିରଞ୍ଜନ ପଣ୍ଡା ନିର୍ଦ୍ଦେଶନା ଦେଇଛନ୍ତି। କଣ୍ଠଶିଳ୍ପୀ ସ୍ମରଣିକା ନନ୍ଦଙ୍କ ସ୍ୱରରେ ଗୀତଟି ମନଛୁଆଁ ହୋଇଛି।

ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବା ଦ୍ରୌପଦୀ ମୁର୍ମୁ ଓଡ଼ିଆ ଜାତିକୁ ଗର୍ବିତ କରିଛନ୍ତି। କର୍ମନିଷ୍ଠ ଜୀବନ, ନିଷ୍ଠାପର ଉଦ୍ୟମ, ସହନଶୀଳତା, ସଂଘର୍ଷମୟ ଜୀବନ ତାଙ୍କୁ ଭାରତର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅବସ୍ଥାପିତ କରାଇଛି ବୋଲି ଗୀତିକାର ମିଶ୍ର କହିଛନ୍ତି। ଏଥିପୂର୍ବରୁ ସେ ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ କବିତା 'ଦ୍ରୌପଦୀ' ଲେଖିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଭାବଗ୍ରାହୀ ପଣ୍ଡା, ବିଜ୍ଞାନ ମହାନ୍ତି, ସୁଶାନ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ।



ସିଡୀ ଉନ୍ମୋଚନ ଅବସରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

## ସଂକ୍ଷେପରେ

### କାଦୁଅ ରାସ୍ତାରେ କଲବଲ

**ପରଜଙ୍ଗ, ୨୬।୭(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବସୋଇ ପଞ୍ଚାୟତ ଗୋଠସାହିକୁ ସଂଯୋଗ କରୁଥିବା ମାଟିରାସ୍ତା ଲଗାଣ ବର୍ଷାରେ ଶୋଚନୀୟ ହୋଇପଡ଼ିଛି। ଉକ୍ତ କଚ୍ଚା ସଡ଼କ ଗୋଠସାହିରୁ କମଡେଇ ପର୍ଯ୍ୟନ୍ତ ଲମ୍ବିଥିବାବେଳେ ଏହା ଉପରେ ୨୦୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭରଶୀଳ। ପଞ୍ଚାୟତ ଅଧୀନରେ ଏହି ରାସ୍ତା ଥିବାବେଳେ ଏହାର ମରାମତି କରାଯାଉ ନ ଥିବାରୁ ଖାଲଖମାରେ ଭର୍ତ୍ତି ହୋଇଛି। ବର୍ଷା ହେଲେ ଗ୍ରାମବାସୀ, ଛାତ୍ରୀଛାତ୍ର ଯାତାୟାତରେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏ ନେଇ ସାହିବାସୀ ପଞ୍ଚାୟତ ପ୍ରଶାସନଠାରୁ ଆରମ୍ଭ



କରି ଜିଲା ପ୍ରଶାସନ ଯାଏ ଅଭିଯୋଗ କରି ଆସୁଥିଲେ ମଧ ରାସ୍ତା ପକ୍କା କରିବା ଦିଗରେ ଆନ୍ତରିକତା ଦେଖିବାକୁ ମିଳୁନାହିଁ। ନିର୍ବାଚନ ଆସିଲେ ନେତାମାନେ ଆସି ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ନିର୍ବାଚନ ସରିଗଲେ କାହାରି ଦେଖା ମିଳୁନାହିଁ ବୋଲି ସାହିବାସୀ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବାବଦରେ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଉକ୍ତ ସଡ଼କ ପ୍ରତି ସମସ୍ତେ ଆଖି ବୁଜି ଦେଇଛନ୍ତି। ତୁରନ୍ତ ଉକ୍ତ ଗ୍ରାମ୍ୟ ସଡ଼କକୁ ପକ୍କା କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସାହିବାସୀ ଚେତାବନୀ ଦେଇଛନ୍ତି।

### ଇଚ୍ଛାଶକ୍ତି ସଫଳତାର ଚାବିକାଠି




**ସାତମାଇଲ, ୨୬।୭(ଡି.ଏନ୍.ଏ.):** ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ୍‌ସ୍ଥିତ ଓପିଏସ୍ କଲେଜରେ ଯୁକ୍ତ ୩ ରାଜନୀତି ବିଜ୍ଞାନ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ପ୍ରାଧାପିକା ଡ. ମାନସୀ କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜ ଅଧକ୍ଷ ଶମ୍ଭୁପ୍ରସାଦ ପ୍ରଧାନ ଯୋଗଦେଇ କହିଲେ, ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତାର ଚାବିକାଠି। କଲେଜରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ଏହାକୁ ମନ୍ତ୍ର ଭାବେ ଗ୍ରହଣ କରି ଉପଯୋଗ କଲେ ସଫଳ ହୋଇପାରିବେ। ଏହି ଅବସରରେ ସେ ବିଦାୟୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧାପକ ରଞ୍ଜନ କୁମାର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ପାଠଚକ୍ର ସମ୍ପାଦିକା ଲୋପାମୁଦ୍ରା ସାହୁ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ପୂର୍ଣ୍ଣିମା ଦାସ, ଶାନ୍ତନୁ ସାହୁ, ରାଜେଶ ସାହୁ, ସି.ପି. ମହାପାତ୍ର, ଶୀତଲ ଦେହୁରୀ, ଅରୂପଜ୍ୟୋତି ସାହୁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଘାରିଲା ମଙ୍କିପକ୍ସ ସଂକ୍ରମଣ ଚିନ୍ତା




ବୈଠକରେ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ସ୍ୱାସ୍ଥ୍ୟ ଓ ପ୍ରଶାସନିକ ବିଭାଗର ପଦସ୍ଥ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ, ୨୬।୭**

- ବିଦେଶ ଫେରନ୍ତାଙ୍କ ଉପରେ ରଖାଯିବ ନଜର
- କୋଭିଡ୍ ସଂକ୍ରମଣ ପ୍ରତି ସତର୍କ ରହିବାକୁ ପରାମର୍ଶ

ମଙ୍କିପକ୍ସକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଗ୍ଲୋବାଲ୍ ହେଲ୍‌ଥ ଏମର୍ଜେନ୍ସି ଭାବେ ଘୋଷଣା କରାଯିବା ପରେ ଏହାକୁ ନେଇ ରାଜ୍ୟ ସରକାର ସତର୍କ ହୋଇ ଉଠିଛନ୍ତି। ଏହି ମାରାତ୍ମକ ସଂକ୍ରାମକ ରୋଗ ସଂକ୍ରମଣ ପ୍ରତି ତୀକ୍ଷ୍ଣ ନଜର ରଖିବାକୁ ଜିଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ତଦନୁଯାୟୀ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ଭିଡିଓ କନଫରେନ୍ସ ହଲ୍‌ରେ ମଙ୍ଗଳବାର ମଙ୍କିପକ୍ସ ସଂକ୍ରମଣରୁ ସୁରକ୍ଷା, କୋଭିଡ୍ ପରିଚାଳନାର ସମୀକ୍ଷା କରାଯିବା ସହ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଛି।

ବିଦେଶ ଫେରନ୍ତା ମଙ୍କିପକ୍ସ ଭୂତାଣୁ ବାହକ ହୋଇପାରନ୍ତି। ତେଣୁ ବାହାର ଦେଶରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ନଜର ରଖିବାକୁ ଜିଲାପାଳ ସରୋଜ କୁମାର ସେଠୀ ପରାମର୍ଶ ଦେଇଛନ୍ତି। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ଝାଡ଼ାବାନ୍ତି ସହ କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ଢେଙ୍କାନାଳ ଜିଲାର ସମ୍ଭାବ୍ୟ ପ୍ରଭାବିତ ସ୍ଥାନଗୁଡ଼ିକ ଉପରେ ସତର୍କ ଦୃଷ୍ଟି ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଝାଡ଼ାବାନ୍ତିପ୍ରବଣ ଅଞ୍ଚଳରେ ଆଶା, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀଙ୍କ ପାଖରେ ଜରୁରିକାଳୀନ ଔଷଧ ମହଜୁଦ ରଖିବା, ପାନୀୟ ଜଳ ଉତ୍ସଗୁଡ଼ିକୁ ନିୟମିତ ବ୍ୟବଧାନରେ ବିଶୋଧନ କରିବାକୁ କୁହାଯାଇଛି।

କଙ୍କଡ଼ାହାଡ଼, ପରଜଙ୍ଗ ବ୍ଲକ ଅଞ୍ଚଳରେ ସାପକାମୁଡ଼ା ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସାପ କାମୁଡ଼ିଲେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ ଡାକ୍ତରଖାନା ଆସିବାକୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ସଚେତନ କରିବା ଲାଗି ବିହିତ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ସ୍କୁଲ, କଲେଜରେ ମାସ୍କ ପରିଧାନ, ଟିକାକରଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା, ଭିତ୍ତିଭୂମି ବିଷୟରେ ସବିଶେଷ ବିବରଣୀ ପ୍ରଦାନ, ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ତାଲିକାଭୁକ୍ତ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଗମ ଅଞ୍ଚଳର ଶିଶୁଙ୍କୁ ସୁଷମ ଖାଦ୍ୟ ଯୋଗାଣ ଏବଂ ଶିକ୍ଷାଦାନ ପାଇଁ ନୂତନ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ଦେବାକୁ ପରାମର୍ଶ ଦିଆଯାଇଛି।

ଜିଲାରେ କୋଭିଡ୍ ସଂକ୍ରମଣ ବଢ଼ିଲେ ରୋଗୀଙ୍କ ଚିକିତ୍ସା ଲାଗି କୋଭିଡ୍ ଚିକିତ୍ସାଳୟ ଓ ରାପିଡ୍ ରେସପନ୍ସ ଟିମ ପ୍ରସ୍ତୁତ ରହିଛି। ତଥାପି ଯଥାସମ୍ଭବ ସଂକ୍ରମଣ ଏଡ଼ାଇବା ଲାଗି ସତର୍କତା ଅବଲମ୍ବନ କରିବାକୁ ଜିଲାପାଳ ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ବାସିଖାଦ୍ୟ, ଦୂଷିତ ପାନୀୟ ଜଳ ବ୍ୟବହାର ନ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ପରାମର୍ଶ ଦେଇଛନ୍ତି ।

ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ଓସ୍‌ଡମା ଅଧିକାରୀ ସଙ୍ଗୀତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରେ ମଙ୍ଗଳବାର ଜଣେ ଫେରିବାଲା ବିଭିନ୍ନ ପ୍ରକାର କୌତୁକିଆ କାର୍ଟୁନ ବେଲୁନ୍ ବିକ୍ରି କରୁଛନ୍ତି। (ଫଟୋ-ବିପିନ)

# ସେବା ପାଇଁ ମନେରହିବେ ଦୁଷ୍ମନ୍ତ

**ଢେଙ୍କାନାଳ ଅଫିସ, ୨୬।୭**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଦାୟିତ୍ୱରେ ଥିବା କଳିଙ୍ଗ ଟିଭି ଖବରଦାତା ଦୁଷ୍ମନ୍ତ ମହାନ୍ତି(୩୦)ଙ୍କ ସୋମବାର ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଗଣମାଧ୍ୟମ ଜଗତ, ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳାଇଦେଇଛି। ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନରେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଏକ ସ୍ମୃତିସଭାରେ ଦୁଷ୍ମନ୍ତଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ଖବରଦାତା ଅମିୟ ଚାନ୍ଦ, ସଦାଶିବ ମହାପାତ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସ ପ୍ରମୁଖ ଯୋଗଦେଇ କହିଲେ, ବୃତ୍ତିଗତ ଜୀବନରେ କର୍ତ୍ତବ୍ୟନିଷ୍ଠ ଦୁଷ୍ମନ୍ତ ଅଞ୍ଚଳବାସୀଙ୍କ ସେବା ଲାଗି ସମର୍ପିତ ଥିଲେ। ତାଙ୍କର ଏଭଳି ବିୟୋଗ ଗଣମାଧ୍ୟମ ଜଗତରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି, ତାହାର ଭରଣା ଅସମ୍ଭବ। ବରିଷ୍ଠ ଖବରଦାତା ଅଜୟ କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି ଶୋକସଭାରେ ଅରବିନ୍ଦ ସାହୁ, ଦେବାଶିଷ ମିଶ୍ର, ବିନୋଦ ମହାନ୍ତି, ଶ୍ୟାମସୁନ୍ଦର ସାହୁ, ଗଙ୍ଗାଧର ରାଉତ, ଗଗନ ବିହାରୀ ପଣ୍ଡା, ବିକାଶ ପଣ୍ଡା, ଆଶିଷ ରଞ୍ଜନ ଶତପଥୀ, ପ୍ରଳୟ ଦାସ, ଦୀପକ ରଞ୍ଜନ ମିଶ୍ର, ତାପସ ମହାନ୍ତି, ପ୍ରଶାନ୍ତ ତ୍ରିପାଠୀ, ମାନସ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ସାହୁ, ଶୁଭମ୍ ପାଣି, ସୌରଭ ବିଶ୍ୱାଳ, ଦେବାନନ୍ଦ ସାହୁ, ଆଶୁତୋଷ ମହାପାତ୍ର, ଲକ୍ଷ୍ମୀନାରାୟଣ ତ୍ରିପାଠୀ, ନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।



ଦୁଷ୍ମନ୍ତ ମହାନ୍ତିଙ୍କ ବିୟୋଗରେ ଆୟୋଜିତ ସ୍ମୃତିସଭାରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନେ।

## ଗୋବିନ୍ଦପୁର ଲୁଟ୍ ଘଟଣା: ବନ୍ଧାହେଲେ ୬ ଅଭିଯୁକ୍ତ

**ଢେଙ୍କାନାଳ ଅଫିସ, ୨୬।୭**

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଅଞ୍ଚଳରେ ଗତ ଜୁନ୍ ୧୪ରେ ହୋଇଥିବା ଲୁଟ୍ ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପ୍ରଦୀପ ମହାରଣା ଓରଫ ଗୁରୁବାରିଆ, ଜିତେନ୍ଦ୍ର ନାୟକ ଓରଫ ବିଚି, ଅଞ୍ଜନ କୁମାର ନାୟକ ଓରଫ ଖାଡ଼ିଆ, ପପୁଆ ପାହାର ଓରଫ ପପୁ, ରାଜୁ ମହାରଣା, ଦିଲୀପ ସାମଲ ଓରଫ ଦିଲୁଆ। ଏହି ଘଟଣାରେ ଅନ୍ୟ ଜଣେ ଫେରାର ଅଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗ୍ରାମର ସୌଦାମିନୀ ପତି ନାମ୍ନୀ ଜଣେ ମହିଳା ଏକୁଟିଆ ରହୁଥିବା ସୁଯୋଗ ନେଇ ସମ୍ପୃକ୍ତ ୭ଜଣ ଅଭିଯୁକ୍ତ ତାଙ୍କ ଘରେ ପଶିଥିଲେ। ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଗୋଟିଏ ସୁନାଚେନ୍, ମଙ୍ଗଳସୂତ୍ର, ୪ଟି କାନଫୁଲ, ମୁଦି ସମେତ ନଗଦ ୧୦ହଜାର ଟଙ୍କା ଲୁଟି ନେଇଥିଲେ। ଏପରି କି ମହିଳାଙ୍କ ହାତଗୋଡ଼ ବାନ୍ଧିଦେବା ସହ ମୁହଁରେ କନାବିଣ୍ଡା ମାରି ବାଥରୁମ୍‌ରେ ପକାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସୌଦାମିନୀଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ୬ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ବାଇକ୍ (ନଂ. ଓଆର୍ ୦୬ ଜେ ୩୨୦୮), ନଗଦ ୧୦ ହଜାର ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୨୭୩/୨୨, ଦଫା ୪୫୪, ୩୯୫ରେ ଏକ ମାମଲା ରୁଜୁ କରାଯାଇଥିଲା।

# ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିମାନେ।

**କାମାକ୍ଷାନଗର, ୨୬।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ସାମ୍ବାଦିକ ସଂଘର ବାର୍ଷିକ ସାଧାରଣ ବୈଠକ ମାଳପୁରା ରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ଅଧୀନ ୪ ବ୍ଲକର ୫୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ସଂଘକୁ ସୁଦୃଢ଼ କରିବା ଏବଂ ସମସ୍ତଙ୍କ ସୁରକ୍ଷାକୁ ଯେପରି ପ୍ରାଧାନ୍ୟ ମିଳିବ ସେ ଦିଗରେ ଏକାଠି ହୋଇ କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଥିଲା।

ମାଳପୁରା ଗ୍ରାମର ବରିଷ୍ଠ ନାଗରିକ ଅଭିମନ୍ୟୁ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସର୍ବସମ୍ମତିକ୍ରମେ ଆଗାମୀ ୩ ବର୍ଷ ପାଇଁ ନୂତନ ପରିଚାଳନା ସଦସ୍ୟ ଚୟନ କରାଯାଇଛି। ସଭାପତି ଭାବେ ଶୁଭମୟ ନନ୍ଦ, ଉପସଭାପତି ଚିତ୍ତରଞ୍ଜନ ଦ୍ୱିବେଦୀ, ସାଧାରଣ ସମ୍ପାଦକ ପ୍ରକାଶ ପାତ୍ର, ଯୁଗ୍ମ ସମ୍ପାଦକ ହିତେନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ସୁମିତ୍ରା ମିଶ୍ରଙ୍କୁ ଚୟନ କରାଯାଇଛି। ସେହିପରି ମୀନକେତନ ସ୍ୱାଇଁ ଉପଦେଷ୍ଟା, ସୁଧୀର ପରିଡ଼ା ଆଇନ ପରାମର୍ଶଦାତା, କରୁଣାକର ମଲ୍ଲିକ କାମାକ୍ଷାନଗର ବ୍ଲକ ସମ୍ପାଦକ, ସୂର୍ଯ୍ୟକାନ୍ତ ବେହେରା ପରଜଙ୍ଗ ବ୍ଲକ ସମ୍ପାଦକ, ଦିବ୍ୟସିଂହ ଦେହୁରୀ କଙ୍କଡ଼ାହାଡ଼ ବ୍ଲକ ସମ୍ପାଦକ, ମଧୁପ ରଞ୍ଜନ ନନ୍ଦ ଭୁବନ ବ୍ଲକ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି।

# 'ଶିକ୍ଷାକୁ ପାଥେୟକରି ଶୀର୍ଷକୁ ଯାଅ'

**ସାତମାଇଲ, ୨୬।୭(ଡି.ଏନ୍.ଏ.)**

ହିନ୍ଦୋଳ ଉପଖଣ୍ଡ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ମଙ୍ଗଳବାର ଭୂଗୋଳ ବିଭାଗର ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ମୁଖ୍ୟ ଅଧାପକ ଡ. ଜୟନ୍ତ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ କଲେଜ ଅଧକ୍ଷ ପ୍ରାଧାପକ ସୁଧାଂଶୁ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସଂସ୍କୃତ ବିଭାଗ ମୁଖ୍ୟ ଡ. କୁମାର ଚନ୍ଦ୍ର ସାହୁ, ଇତିହାସ ବିଭାଗ ମୁଖ୍ୟ ପ୍ରାଧାପକ ମହେଶ୍ୱର ପଟ୍ଟନାୟକ, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅଧାପକ ଅଜୟ ସୁବୁଦ୍ଧି, ଇଂଲିଶ ବିଭାଗ ମୁଖ୍ୟ ଅଧାପିକା ପ୍ରଣମିତା ପତି, ଅଧାପିକା ସୋନା ନାୟକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାରୂପକ ଅମୂଲ୍ୟ ସମ୍ପଦକୁ ପାଥେୟ କରି ସଫଳତାର ଶୀର୍ଷରେ ପହଞ୍ଚିବାକୁ ଅତିଥିମାନେ ବିଦାୟୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଲିପୁ ସାମଲ, ସସ୍ମିତା ବେହେରା କଲେଜ ଦିନର ସ୍ମୃତିଚାରଣ କରିଥିଲେ। ଆଲୋକ ବେହେରା, ଲକ୍ଷ୍ମୀଶ୍ରୀ ସ୍ୱାଇଁ, ତପସ୍ୱିନୀ ସାହୁ ପ୍ରମୁଖ ବରିଷ୍ଠ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉପହାର ଦେଇ ସମ୍ମାନିତ କରିଥିଲେ। ବିଭାଗୀୟ କର୍ମଚାରୀ ପ୍ରଦୀପ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡେମୋନ୍‌ଷ୍ଟ୍ରେଟର ସୁଜିତ୍ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ସମାରୋହରେ ଛାତ୍ରୀଛାତ୍ରଙ୍କ ସମେତ ଉପସ୍ଥିତ ଅତିଥିବୃନ୍ଦ।

## ଆମେରିକା ପାଠାଗାରରେ 'ଢେଙ୍କାନାଳ ଇତିହାସ' ପୁସ୍ତକ

**ଢେଙ୍କାନାଳ ଅଫିସ, ୨୬।୭**

ଅବିଭକ୍ତ ଢେଙ୍କାନାଳ ଜିଲାର ଇତିହାସ ତଥ୍ୟାବଳୀ ସମ୍ପର୍କିତ ଆର୍ଯ୍ୟକବି ପଣ୍ଡିତ ଡ. ପ୍ରମୋଦ କୁମାର ମିଶ୍ରଙ୍କ ଲିଖିତ ପୁସ୍ତକ ଆମେରିକା ଶିକାଗୋସ୍ଥିତ ଏ.ବି.ଆଇ. ପାଠାଗାରରେ ସ୍ଥାନ ପାଇଛି। ୧୪୦୦ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକକୁ ପୂର୍ବତନ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଉନ୍ମୋଚନ କରିଥିଲେ। ଏଥିରେ ଢେଙ୍କାନାଳର ବହୁ ଗବେଷଣାତ୍ମକ ଓ ଅପ୍ରକାଶିତ ତଥ୍ୟ ବିସ୍ତୃତ ଭାବେ ବ୍ୟାଖ୍ୟା କରାଯାଇଛି। ଆମେରିକାରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ପାଇଁ ଢେଙ୍କାନାଳ ଇତିହାସ ସମେତ ମୟୂରଭଞ୍ଜ ଇତିହାସ, ଅବିଭକ୍ତ ବାଲେଶ୍ୱର ଜିଲାର ଇତିହାସ ସମ୍ପର୍କିତ ପୁସ୍ତକ ମଧ ଉକ୍ତ ପାଠାଗାରରେ ସ୍ଥାନିତ କରାଯାଇଛି ବୋଲି ପଣ୍ଡିତ ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଭୁବନ ଗ୍ରାମର ଗଡ଼ଜାତ ଆନ୍ଦୋଳନ ସଭାପତି ପଣ୍ଡିତ ରଙ୍ଗାଧର ମିଶ୍ରଙ୍କ ପୁତ୍ର ପଣ୍ଡିତ ପ୍ରମୋଦ କୁମାର ମିଶ୍ର ନିଜର ଗବେଷଣା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ ବିଭିନ୍ନ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

# ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦସ୍ତଖତ ଅଭିଯାନ




ଦସ୍ତଖତ ଅଭିଯାନରେ ସାମିଲ ହୋଇଥିବା ଚୁକ୍ତିଭିତ୍ତିକ କର୍ମଚାରୀମାନେ।

**ଢେଙ୍କାନାଳ ଅଫିସ,୨୬।୭**

- ୩୧ ତାରିଖରେ ଭୁବନେଶ୍ୱରରେ ସମାବେଶ
- ଦାବି ନ ମାନିଲେ କାର୍ଯ୍ୟବନ୍ଦ ଆନ୍ଦୋଳନ

ଚୁକ୍ତିଭିତ୍ତିକ ପ୍ରଥା ବିଲୋପ ଏବଂ ଚୁକ୍ତି ସମୟକୁ ଚାକିରି ଅବଧିରେ ଗଣନା କରିବା ଦାବି ନେଇ ଓଡ଼ିଶା ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ଢେଙ୍କାନାଳ ଶାଖା ପକ୍ଷରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଏଥିସହ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକସ୍ତରରେ ମହାସଂଘ ପକ୍ଷରୁ ଦସ୍ତଖତ ଅଭିଯାନ ଜାରି ରହିଥିବା ଶାଖା ସଭାପତି ବନ୍ଦନ କୁମାର ବେହେରା, ଉପସଭାପତି ଶୁଭାଶିଷ ମହାପାତ୍ର, ସମ୍ପାଦକ ଯଶୋବନ୍ତ ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି। ଆସନ୍ତା ୩୧ ତାରିଖରେ ଭୁବନେଶ୍ୱରଠାରେ ଏକ ସମାବେଶ ହେବାର କାର୍ଯ୍ୟକ୍ରମ ରହିଛି। ସଂଘର ଦାବିକୁ ସରକାର ନ ମାନିଲେ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।


ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର କାରଗିଲ ବିଜୟ ଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀମାନେ।

# ଢମଣା ପାଇଁ ରାସ୍ତା ଜାମ୍

**ଅନୁଗୋଳ ଅଫିସ, ୨୬।୭**

ସ୍କୁଟି ଇଞ୍ଜିନରେ ପଶିଥିବା ଏକ ଢମଣା ଛୁଆ ପାଇଁ ଦୀର୍ଘସମୟ ଧରି ରାସ୍ତା ଜାମ୍ ହୋଇଯାଇଥିଲା। ମଙ୍ଗଳବାର ଅନୁଗୋଳ ବୁଢ଼ୀ ଠାକୁରାଣୀ ଛକରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା। ତେବେ ପୋଲିସ ପହଞ୍ଚିବା ପରେ ରାସ୍ତା ଜାମ୍ ହଟିଥିଲା।

ପ୍ରକାଶ ଯେ, ଅନୁଗୋଳ ବେଣାଗାଡ଼ିଆ ଅଞ୍ଚଳର ଗୋବର୍ଦ୍ଧନ ବେହେରା ସ୍କୁଟି ନେଇ ଅନୁଗୋଳ ଆସିଥିଲେ।

ତେବେ ତାଙ୍କ ଗାଡ଼ିରେ ଏକ ସାପ ମୁଣ୍ଡ କାଢ଼ିଥିବା ଦେଖିବା ପରେ ସେ ବୁଢ଼ୀ ଠାକୁରାଣୀ ଛକରେ ଗାଡ଼ିରୁ ଡେଇଁ ପଡ଼ିଥିଲେ। ଏହାଦେଖି ସ୍ଥାନୀୟ ଲୋକମାନେ ସେଠାରେ ରୁଣ୍ଡ ହୋଇଯାଇଥିଲେ। ଫଳରେ କିଛି ସମୟ ପାଇଁ ରାସ୍ତାରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ପଚରା ଉଚରା ପରେ ଗାଡ଼ିରେ ସାପ ଥିବା ଜଣାପଡ଼ିଥିଲା। ଏହାପରେ ଗାଡ଼ି ମେକାନିକ୍ ଓ ସର୍ପ ଉଦ୍ଧାରକାରୀଙ୍କୁ ଡକାଯାଇଥିଲା। ସେମାନେ ପହଞ୍ଚି ଗାଡ଼ି ଖୋଲାଖୋଲି କରିବା ପରେ ସେଥିରେ ସାପ ଥିବା ଜଣାପଡ଼ିଥିଲା। ପରେ ଗାଡ଼ିରୁ ଏକ ଢମଣା ଛୁଆ ଉଦ୍ଧାର କରାଯାଇଥିଲା।


ଗାଡ଼ିରୁ ସାପ ଉଦ୍ଧାର କରାଯାଉଛି।

## ସଂକ୍ଷେପରେ

### ଶହୀଦଙ୍କ ଅବଦାନ ଅତୁଳନୀୟ

ଅନୁଗୋଳ ଅଫିସ, ୨୬।୭- ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ନଗରପାଳ ଅକ୍ଷୟ କୁମାର ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଦେଶର ସଂହତି ଓ ଅଖଣ୍ଡତା ବଜାୟ ରଖିବାରେ ନାଗରିକଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। କାରଗିଲ ଯୁଦ୍ଧର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହି ମାଟି ଓ ଜାତି ପାଇଁ ସେମାନଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ଅନେକ ମହାପୁରୁଷ ଦେଶ ଓ ଜାତି ପାଇଁ ତ୍ୟାଗ ସହ ବଳିଦାନ ହୋଇ ଆଜି ଅମର ହୋଇପାରିଥିବା କହିଥିଲେ। ଅନ୍ୟମାନଙ୍କ ମଧରେ ବରିଷ୍ଠ ଆଇନଜୀବୀ ରୁଚିର କୁମାର ପାଣିଗ୍ରାହୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ମହାରାଣୀ ଚାରିଟେବୁଲ ଟ୍ରଷ୍ଟ ସଭାପତି ଅକ୍ଷୟ କୁମାର ଦଳବେହେରା, ଶହୀଦ ମାନସଙ୍କ ସାନ ଭାଇ ବିଶ୍ୱ ରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ମୃତି ପରିଷଦ ସଭାପତି ପ୍ରତାପ ମହାପାତ୍ର ଅଧକ୍ଷତା କରିଥିବାବେଳେ ସମ୍ପାଦକ ପର୍ଶୁରାମ ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ତମ୍ଭକାର ତଥା ପ୍ରାବନ୍ଧିକ ରୁଚିର କୁମାର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ପ୍ରତିଷ୍ଠାତା ସଦସ୍ୟ ମେଜର ଜେ.ସି. ବେହେରାଙ୍କ ସ୍ମୃତିରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଯୋଜକ ବିଶ୍ୱରଞ୍ଜନ ପଟ୍ଟନୟକ, ସଭ୍ୟ ସୁଶାନ୍ତ କୁମାର ସେଠୀ ପରିଚାଳନା କରିଥିଲେ।

### ଦୋକାନ ପୋଡ଼ି ଅଭିଯୁକ୍ତ ଗିରଫ



**ଛେଣ୍ଡିପଦା, ୨୬।୭(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ତେଣ୍ଟୁଲୋଇ କୋଡାସାହି ପଞ୍ଚାୟତ ସମିତିସଭ୍ୟଙ୍କ ଦୋକାନ ପୋଡି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ତେଣ୍ଟୁଲୋଇ କୋଡାସାହିର ସମିତିସଭ୍ୟ ପ୍ରଳୟ କୁମାର ପ୍ରଧାନ ହାଣ୍ଡିଗୁଡା ଛକରେ ଏକ ଦୋକାନ ଦେଇଥିଲେ। ରବିବାର ରାତିରେ କେହି ଦୁର୍ବୃତ୍ତ ଦୋକାନରେ ନିଆଁ ଲଗାଇ ଦେବାରୁ ପ୍ରିଣ୍ଟର୍ ,ଫ୍ରିଜ୍ , ଜେରକ୍ସ ମେସିନ, ଟିଭି ଆଦି ପ୍ରାୟ ୩ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୩୫୭/୨୨ରେ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ କରି ଅଭିଯୁକ୍ତ ଅଭିରାମ ପ୍ରଧାନଙ୍କୁ ଗିରଫ ସହିତ ଅପରାହ୍ନରେ କୋର୍ଟ ଚାଲାଣ କରିଥିବା ପ୍ରକାଶ କରିଛି।

# ନିଆଁ ଲଗାଇଦେଲେ ଯାଯାବର ପିଲା

## ଏଟିଏମ୍ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ




**ଅନୁଗୋଳ ଅଫିସ, ୨୬।୭**

ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପୋଷ୍ଟାଲର ଏକ ଏଟିଏମ୍ ମଙ୍ଗଳବାର ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତିଯାଇଛି। ସୁରକ୍ଷା କର୍ମୀ ମୁତୟନ ହୋଇ ନ ଥିବାର ସୁଯୋଗ ନେଇ ୨ ଯାଯାବର ପିଲା ଭିତରେ ପଶି ଏକ କାଗଜପେଟି ମଧ୍ୟରେ ପଡ଼ିଥିବା କାଗଜଗୁଡ଼ିକରେ ନିଆଁ ଲଗାଇ ଦେଇଥିଲେ। ଏଟିଏମ୍ ଭିତରେ ନିଆଁ ଦେଖି ଆଖପାଖ ଲୋକେ ଦୌଡ଼ିଆସିବା ପରେ ଯାଯାବର ପିଲାମାନେ ଜଳୁଥିବା ପେଟିକୁ ବାହାରକୁ ଆଣିବା ସହ ଦୌଡ଼ି ପଳାଇଯାଇଥିଲେ। ମଙ୍ଗଳବାର ମଧ୍ୟାହ୍ନ ସାଢ଼େ ୧୨ଟା ବେଳର ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣା ସମ୍ପର୍କରେ ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ଅମୀୟ କୁମାର କର କହିଛନ୍ତି, ଏପରି ଘଟଣା ସମ୍ପର୍କରେ ଜାଣିନାହିଁ। ସୁରକ୍ଷା ଦୃଷ୍ଟିରୁ କେବଳ ରାତିରେ ସୁରକ୍ଷକର୍ମୀଙ୍କୁ ନିୟୋଜିତ କରାଯାଉଛି। ଏଟିଏମ୍ ପରିଚାଳନା କରୁଥିବା ସଂସ୍ଥାକୁ ଏ ବାବଦରେ ଅବଗତ କରାଯିବା ସହ ସୁରକ୍ଷା ବନ୍ଦୋବସ୍ତ କରିବାକୁ କୁହାଯିବ ବୋଲି ପୋଷ୍ଟମାଷ୍ଟର କର ପ୍ରକାଶ କରିଛନ୍ତି।

# '୧୨୫୦ ୟୁନିଟ୍ ଛୁଇଁଲାଣି ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାର'

**ଅନୁଗୋଳ ଅଫିସ, ୨୬।୭**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦିର ଅମୃତ ମହୋତ୍ସବ ଜୁଲାଇ ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ଦେଶରେ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର 'ଉଜ୍ୱଳ ଭାରତ- ଉଜ୍ୱଳ ଭବିଷ୍ୟତ' ପାୱାର ଓ ୨୦୪୭ କାର୍ଯ୍ୟକ୍ରମ ଅନୁଗୋଳ ସଭାଘରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ବବିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଆମ ଦୈନନ୍ଦିନ ଜୀବନ ସହ ସମାଜର ବିଭିନ୍ନ କ୍ଷେତ୍ରରେ ଘଟୁଥିବା ଉନ୍ନତି ତଥା ଅଗ୍ରଗତି ବିଦ୍ୟୁତ୍ ଦ୍ୱାରା ସମ୍ଭବ ହୋଇପାରୁଛି। ଏନ୍‌ଟିପିସି କଣିହାଁର ନିର୍ବାହୀ ନିର୍ଦ୍ଦେଶକ (ଇଡି) କେ. ଶ୍ରୀନିବାସ ରାଓ କହିଥିଲେ, ଉପଭୋକ୍ତାମାନଙ୍କୁ ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। କୃଷି, ଶିଳ୍ପ ଏବଂ ଘରୋଇ ବିଦ୍ୟୁତ୍ ଚାହିଦା ଦିନକୁ ଦିନ ବଢି ଚାଲିଛି। ତେଣୁ ମୁଣ୍ଡ ପିଛା ବ୍ୟବହାର ୧୨୫୦ ୟୁନିଟ୍‌ରେ ପହଞ୍ଚିଲାଣି। ବିଦ୍ୟୁତ୍‌ର ଅନ୍ୟ ଏକ ବିକଳ୍ପ ବ୍ୟବସ୍ଥା ସୌରଶକ୍ତି ବ୍ୟବହାର ବିଷୟରେ ସେ ବିସ୍ତୃତ ଭାବେ ବୁଝାଇଥିଲେ। ଏନ୍‌ଟିପିସି ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ପାଉଥିବା ନିଜର ଲାଭାଂଶକୁ ସିଏସ୍‌ଆର୍ ମାଧ୍ୟମରେ ଖର୍ଚ୍ଚ କରିଥାଏ ବୋଲି ନିର୍ବାହୀ ନିର୍ଦ୍ଦେଶକ ପ୍ରକାଶ କରିଥିଲେ। ଟୋଲ ଫ୍ରି ନଂ ୧୯୧୨ ଜରିଆରେ ଉପଭୋକ୍ତାଙ୍କ ସମସ୍ତ ସମସ୍ୟା ଦୂର ହୋଇପାରୁଛି ବୋଲି କର୍ମକର୍ତ୍ତା ପ୍ରକାଶ କରିଥିଲେ। ପରେ ଅନୁଗୋଳର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ନୃତ୍ୟ ନୀଳୟର କଳାକାରମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ତାଳଚେରର ଅମୃତ ଅନୁଷ୍ଠାନର କଳାକାରମାନେ ବିଦ୍ୟୁତ୍‌ର ଅଯଥା ଅପଚୟ ନ କରି ଏହାର ସଂରକ୍ଷଣ ତଥା ପରିବେଶର ହିତ ସାଧନ, ବିଦ୍ୟୁତ୍ ଚୋରି ନ କରି ଠିକ୍ ସମୟରେ ଦେୟ ପୈଠ ଆଦି ବାର୍ତ୍ତା ଉପରେ ଏକ ନାଟକ ପରିବେଷଣ କରିଥିଲେ। ଜିଲା କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କଲେକ୍ଟର ମଧୁସ୍ମିତା ବିଶି ଏହାକୁ ପରିଚାଳନା କରିଥିଲେ। ଏନ୍‌ଟିପିସିର ମହା ପ୍ରବନ୍ଧକ ପ୍ରେମ୍ ଚାନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଟିପିସି ଏଜିଏମ୍ (ଏଚ୍‌ଆର୍) ବି.କେ. ପାଣ୍ଡେ, ଟିପିସିଓଡିଏଲର ଜି.ଏମ୍. ଗିରୀଶ ଚନ୍ଦ୍ର ସାହୁ, ଟିପିସିଓଡିଏଲର ନିର୍ବାହୀ ଯନ୍ତ୍ରୀ ସୁବ୍ରତ ଦାସ ଓ ବିଦ୍ୟୁତ୍ ଉପଭୋକ୍ତାମାନେ ଉପସ୍ଥିତ ଥିଲେ।


ଅନୁଗୋଳ ସଭାଘରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଶହୀଦଙ୍କୁ କ୍ୟାଣ୍ଡେଲରେ ଶ୍ରଦ୍ଧାଞ୍ଜଳି


ମହମବତୀ ଜାଳି ଛାତ୍ରମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

**ଅନୁଗୋଳ ଅଫିସ, ୨୬।୭**

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ କାରଗିଲ ବିଜୟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ପୁରାତନ ଛାତ୍ରମାନେ ଏହି ଅବସରରେ ସନ୍ଧ୍ୟାରେ ମହମବତି ଜାଳି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ ଯବାନଙ୍କ ବିଳଦାନ ଦେଶବାସୀଙ୍କ ମନରେ ଚିରଦିନ ପାଇଁ ଲିପିବଦ୍ଧ ହୋଇ ରହିବ ବୋଲି ଛାତ୍ରମାନେ କହିଥିଲେ। ପୁରାତନ ଛାତ୍ର ପୁରୁଷୋତ୍ତମ ନାୟକଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ଡ. ଗଙ୍ଗାଧର କର, ଅଧାପକ ଲକ୍ଷ୍ମୀଧର ବିଶ୍ୱାଳ, ମୁଖ୍ୟ କିରାଣି ପବିତ୍ର ମୋହନ ବେହେରା, ପୂର୍ବତନ ଛାତ୍ର ଅସିତ ସାହୁ, ଆଶିଷ କୁମାର ସାହୁ, ସମୀର ପରିଡା, ଦିବ୍ୟଜ୍ୟୋତି ନାୟକ, ଦିବ୍ୟ ପ୍ରଧାନଙ୍କ ସମେତ ବହୁ ପୁରାତନ ଛାତ୍ର ସାମିଲ ହୋଇଥିଲେ।

## ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

**ଅନୁଗୋଳ ଅଫିସ, ୨୬।୭**

ଅନୁଗୋଳ ଥାନା ସୌଭାଗ୍ୟନଗରରୁ ମୋବାଇଲ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ ପରେ କୋର୍ଟଚାଲାଣ କରିଛି। ପୋଲିସ କହିଛି, ସଂଗ୍ରାମ ବେହେରାଙ୍କ ୨ଟି ମୋବାଇଲ ଗତ ୨୩ ତାରିଖରେ ଚୋରି ହୋଇଥିଲା। ସେ ମୋବାଇଲକୁ ରିଙ୍ଗ କରିବାରୁ ଆରପଟୁ ଅଭିଯୁକ୍ତମାନେ କଲ ରିସିଭ କରିଥିଲେ। ହେଲେ ଫୋନ ଫେରାଇବେ ନାହିଁ ବୋଲି କହିଥିଲେ। ଏ ନେଇ ସଂଗ୍ରାମ ଥାନାରେ ଅଭିଯୋଗ ପରେ ନଂ. ୩୯୭/୨୨ରେ ମାମଲା ରୁଜୁ ହୋଇଥିଲା। ଏହାର ତଦନ୍ତ କରି ପୋଲିସ ତୁରଙ୍ଗ ଗୌଡ଼ସାହିର ଗିରିଜା ଶଙ୍କର ସାହୁ (୧୯) ଓ ବାଙ୍ଗୁରୁ ବେହେରା(୪୧)ଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୪ଟି ମୋବାଇଲ ଜବତ ହୋଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଦିବାକର ବେହେରା ପ୍ରକାଶ କରିଛନ୍ତି।

# ଠିକ୍ ସମୟରେ ଚାଷୀଙ୍କୁ ମିଳିବ କୃଷି ସାମଗ୍ରୀ

**ବଇଣ୍ଡା, ୨୬।୭ (ଡି.ଏନ.ଏ.)**

ସରକାର କୃଷିର ବିକାଶ ପାଇଁ ବହୁ ଯୋଜନା ପ୍ରଚଳନ କରିଛନ୍ତି। ସୋସାଇଟି ମାଧ୍ୟମରେ ଚାଷୀଙ୍କୁ ବିଭିନ୍ନ ସାମଗ୍ରୀ ଯୋଗାଇ ଦେଉଛନ୍ତି। ତେଣୁ ସେଗୁଡିକ କିଭଳି ସିଧାସଳଖ ଚାଷୀଙ୍କ ପାଖରେ ଠିକ୍ ସମୟରେ ପହଞ୍ଚିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯିବ ବୋଲି ମଙ୍ଗଳବାର କିଶୋରନଗର ବ୍ଲକ ଲୁହାମୁଣ୍ଡା ସେବା ସମବାୟ ସମିତିର ନବ ନିର୍ବାଚିତ ସଭାପତି ଭୁବନେଶ୍ୱର ପ୍ରଧାନ ଶପଥ ନେବା ଅବସରରେ ଏହି ମତପ୍ରକାଶ କରିଛନ୍ତି। ସୋସାଇଟି ସମ୍ପାଦକ ରମେଶ ଚନ୍ଦ୍ର ଦେହୁରୀ ଏହି ଶପଥ ପାଠ କରାଇଥିଲେ। ଭୁବନେଶ୍ୱରଙ୍କ ସହ ତୁଳସୀ ପ୍ରଧାନ ମଧ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେଡି ନେତା ତପନ କୁମାର ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଅରୁଣ କୁମାର ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ପ୍ରଶାନ୍ତ ସାହୁ, ପୀତବାସ ପ୍ରଧାନ, ଲୁହାମୁଣ୍ଡା ସରପଞ୍ଚ କୁମୁଦ ସାହୁ, ସୁବାସ ଶତପଥୀ, ସନ୍ତୋଷ ଦେହୁରୀ, ସୁବାସ ପ୍ରଧାନ, ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।


ଶପଥ ଗ୍ରହଣ ଉତ୍ସବରେ କର୍ମକର୍ତ୍ତାମାନେ।

# ଧାନମଣ୍ଡି ସୁବ୍ୟବସ୍ଥିତ କରାଯିବ

**ଆଠମଲ୍ଲିକ, ୨୬।୭ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରି ସେବା ସମବାୟ ସମିତିର ନବ ନିର୍ବାଚିତ ସଭାପତି ଉଦିତ ନାରାୟଣ ପ୍ରଧାନ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସଭାପତି ପ୍ରଧାନ ଦାୟିତ୍ୱ ଗ୍ରହଣ ସମୟରେ ସମସ୍ତ ନିର୍ବାଚିତ ନିର୍ଦ୍ଦେଶକ, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ବିଜେଡି ନେତା ଘାଷିରାମ ମହାକୁଡ଼, ପୂର୍ବତନ ସମିତି ସଭ୍ୟ ବିଜୟ ନନ୍ଦ ପ୍ରଧାନ, ଯୁବନେତା ଶୂନ୍ୟବାସୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ କୃଷକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଧାନମଣ୍ଡି ସୁବ୍ୟବସ୍ଥିତ କରାଯିବା ସହିତ କୃଷି ଋଣ ସୁବିଧାରେ ପାଇବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସଭାପତି ପ୍ରଧାନ ପ୍ରକାଶ କରିଥିଲେ। ସମିତି ସମ୍ପାଦକ ସତ୍ୟଜିତ ବଡ଼ମାଳି ଉପସ୍ଥିତ ରହି ଦାୟିତ୍ୱ ଗ୍ରହଣର ସମସ୍ତ ବ୍ୟବସ୍ଥା ତୁଲାଇ ଥିଲେ।


ନବ ନିର୍ବାଚିତ ସଭାପତି ଦାୟିତ୍ୱ ଗ୍ରହଣ କରୁଛନ୍ତି।

# ଟିଏଫ୍‌ଏଲ୍ ପ୍ଲାଣ୍ଟ ପରିଦର୍ଶନ କଲେ ପ୍ରତିନିଧିମଣ୍ଡଳୀ

**ତାଳଚେର, ୨୬।୭ (ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରସ୍ଥିତ ତାଳଚେର ଫର୍ଟିଲାଇଜର ଲିମିଟେଡ୍ (ଟିଏଫ୍‌ଏଲ୍)କୁ ମଙ୍ଗଳବାର ଏକ ପ୍ରତିନିଧିମଣ୍ଡଳୀ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ରାଷ୍ଟ୍ରୀୟ କେମିକାଲ ଓ ଫର୍ଟିଲାଇଜରର ସିଏମ୍‌ଡି ଏସ୍.ସି. ମୁଦଗେରିକର, ପିଡିଆଇଏଲ୍‌ର ସିଏମ୍‌ଡି ସୁଶ୍ରୀ ଅପର୍ଣ୍ଣା, ଏସ୍. ଶର୍ମା, ଏନ୍.ଜେ. ସାଇଖ, ଏମ୍.ଏମ୍. ଦେଓ, ଡ. ଏ. କେ. ସାମନ୍ତରାୟ, ଏସ୍.ଏନ୍. ଯାଦବ, ଏସ୍.ବି. ଗଓ୍ୱଡେ, ସଞ୍ଜୟ ଆରୋରା ସାମିଲ ଥିଲେ। ପ୍ରଥମେ ଅତିଥିମାନେ ବିକ୍ରମପୁରସ୍ଥିତ ଅତିଥି ଭବନରେ ପହଞ୍ଚିଥିଲେ। ସେଠାରେ ସିଆଇଏସ୍‌ଏଫ୍ ତରଫରୁ ଗାର୍ଡଅଫ୍ ଅନର ଦିଆଯାଇଥିଲା। ପରେ ଅଧିକାରୀମାନେ ଚାରା ରୋପଣ କରିଥିଲେ। ଏହାପରେ ସେମାନେ ସମ୍ମିଳନୀ କକ୍ଷରେ ପ୍ଲାଣ୍ଟର ମଡେଲ୍ ଦେଖି ପ୍ରକଳ୍ପର ଅଗ୍ରଗତି, ନିର୍ମାଣ ନିମନ୍ତେ ପହଞ୍ଚିଥିବା ଉପକରଣ, ବୈଷୟିକ ସହାୟତା ଆଦିର ସମୀକ୍ଷା କରିଥିଲେ। ଏହାପରେ କୋଲ୍ ଗ୍ୟାସିଫିକେଶନ, ଆମୋନିଆ ୟୁରିଆ, ଷ୍ଟିମ୍ ଜେନେରେଶନ, କୁଲିଂ ଟାୱାର, ଆମୋନିଆ ଷ୍ଟୋରେଜ, ୱାଟର ରିଜର୍ଭର, ରେଳ ଲାଇନ, ପାଣି ପାଇପ୍ ଲାଇନ ସହ ପମ୍ପ ହାଉସ ଆଦି ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପର ମହାପ୍ରବନ୍ଧକ ସତ୍ୟବ୍ରତ ମିଶ୍ରଙ୍କ ସହିତ ସମସ୍ତ କର୍ମଚାରୀ, ପିଡିଆଇଏଲ୍ ଟିମ୍ ଉପସ୍ଥିତ ଥିଲେ।


ଅଧିକାରୀମାନେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

